

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୪ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 OCTOBER 2023

Vol.No. 34 ■ No. 271■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାଲେଷ୍ଟାଇନ ନାଗରିକଙ୍କୁ ୨୪ ଘଂଟା ସମୟ ଦେଲା ଇସ୍ରାଏଲ

## ଉତ୍ତର ଗାଜାର ୧୧ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୩/୧୦ : ହମାସର ଆକ୍ରମଣ ପରେ ପ୍ରତିଶୋଧ ନେଉଛି ଇସ୍ରାଏଲ । ଗାଜାରେ ଥିବା ହମାସ ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରି ମିସାଇଲ ମାଡ କରୁଛି ଇସ୍ରାଇଲ ସେନା । ଯାହାର ଚିତ୍ର ସାମ୍ନାକୁ ଆସିଛି । ସହର ଭଙ୍ଗା କୋଠା ଘରର ଗନ୍ତାଘର ପାଲଟିଯାଇଛି । ଇସ୍ରାଇଲ ସେନା ଏପର୍ଯ୍ୟନ୍ତ ୬ ହଜାରୁ ଅଧିକ ରକେଟ ମାଡ କରିସାରିଲାଣି । ଏହାରି ଭିତରେ ବିଶେଷକରି ଆତଙ୍କବାଦୀ ଲୁଚିଥିବା ଉତ୍ତର ଗାଜାର ଥିବା ପ୍ରାୟ ୧୧ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ନିର୍ଦ୍ଦେଶ ଦେଇଛି ଇସ୍ରାଏଲ । ୨୪ ଘଂଟା ମଧ୍ୟରେ ଘର ଛାଡିବାକୁ ଇସ୍ରାଏଲ ନିର୍ଦ୍ଦେଶ ଦେଇଥିବା ନେଇ ଜାତିସଂଘ ପକ୍ଷରୁ ଶୁକ୍ରବାର କୁହାଯାଇଛି । କିନ୍ତୁ ଏତେ କମ ସମୟ ମଧ୍ୟରେ ଏତେ ଲୋକଙ୍କୁ ବିସ୍ଥାପିତ କରିବା ସମ୍ଭବ ନୁହେଁ ବୋଲି ଜାତିସଂଘ ମୁଖପାତ୍ର କହିଛନ୍ତି । ସାଧାରଣ ନାଗରିକ ଗାଜାରୁ ବିସ୍ଥାପିତ ହେବା ପରେ ଯୁଦ୍ଧ ଆହୁରୀ ଭୟଙ୍କର ହେବ ବୋଲି କୁହାଯାଉଛି । ପାଲେଷ୍ଟାଇନର ଗାଜା ସହରକୁ ମାନଚିତ୍ରରୁ ଲିଭାଇ ଦେବାକୁ ଯୋଜନା ପ୍ରସ୍ତୁତ କରିଛି ଇସ୍ରାଏଲ । ଏବେ ବନ୍ଧକ ଥିବା ଇସ୍ରାଏଲ ନାଗରିକ ଏବଂ ଯବାନଙ୍କୁ ଉଦ୍ଧାର କରୁଛି ଇସ୍ରାଏଲ ସେନା । ହମାସ କବଜାରେ ଥିବା ୫୦ରୁ ଅଧିକ ପଣପନ୍ଦୀଙ୍କୁ ଉଦ୍ଧାର କରିଛନ୍ତି ଇସ୍ରାଇଲ ଯବାନ । କିପରି ସାହସିକତାର ସହ ଆକ୍ରମଣ କରି ପଣବନ୍ଦୀଙ୍କୁ ଇସ୍ରାଏଲ ସେନା ଉଦ୍ଧାର କରିଛି ତାହା ଭିଡିଓ ସାମ୍ନାକୁ ଆସିଛି । ଯୁଦ୍ଧରେ ମୋଟ ୪ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ଇସ୍ରାଏଲରେ ୧୨୦୦, ପାଲେଷ୍ଟାଇନରେ ୧୪୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଇସ୍ରାଏଲରେ ପଶିଥିବା ୧୫୦୦ ହମାସ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଏଥର ଗାଜାର ଜମିକୁ ପୁରା ଅକ୍ତିଆର କରିନେବାକୁ ଯୋଜନା କରିଛି ଇସ୍ରାଏଲ । ଇସ୍ରାଏଲରେ ପ୍ରାୟ ୪ ଲକ୍ଷରୁ ଅଧିକ ସେନା ଟ୍ୟାଙ୍କର, ଅସ୍ତ୍ରଶସ୍ତ୍ର ସହ ଗାଜା ବର୍ଡର ପାଖରେ ଅପେକ୍ଷ୍ୟ କରି ରହିଛନ୍ତି । ନିର୍ଦ୍ଦେଶ ମିଳିବା ମାତ୍ରେ ଗାଜା ସୀମା ଭିତରେ ପଶିବେ । ଯୁଦ୍ଧକୁ ସାତ ଦିନ ପୁରିଥିବା ବେଳେ ପାଲେଷ୍ଟାଇନ ଏବଂ ଇସ୍ରାଏଲକୁ ଅନ୍ୟ ଦେଶଙ୍କ ସମର୍ଥନ ଜଣାଉଛନ୍ତି । ଆମେରିକା, ଜର୍ମାନୀ ଭଳି ପାଶ୍ଚାତ୍ୟ ଦେଶ ଇସ୍ରାଏଲକୁ ସମର୍ଥନ ଜଣାଇଥିବା ବେଳେ ମଧ୍ୟ ଏସିୟର ଶକ୍ତିଶାଳୀ ଦେଶ ଇରାନ ପାଲେଷ୍ଟାଇନକୁ ସମର୍ଥନ ଜଣାଇଛି । ଏଥିସହ ମୁସଲିମ ଦେଶଗୁଡିକୁ ପାଲେଷ୍ଟାଇନ ସହ ଠିଆ ହେବାକୁ ଇରାନ ରାଷ୍ଟ୍ରପତି ଅନୁରୋଧ କରିଛନ୍ତି । ଯଦି ଅନ୍ୟ ଦେଶ ଏଥିରେ ଜଡିତ ହୁଅନ୍ତି ସ୍ଥିତି ଆହୁରି ଗମ୍ଭୀର ହେବ ବୋଲି ଆଶାଙ୍କା କରାଯାଉଛି ।

# ଓଏଏସ ସ୍ତରରେ ବଦଳି: ରୁଦ୍ରନାରାୟଣ ମହାନ୍ତି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ




ଭୁବନେଶ୍ୱର, ୧୩/୧୦ (ନି.ପ୍ର): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ରୁଦ୍ରନାରାୟଣ ମହାନ୍ତିଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଓଏଏସ୍ ପ୍ରତାପ ଚନ୍ଦ୍ର ରାଉତଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଭୁବନେଶ୍ୱରର ପୂର୍ବତନ ଚକବନ୍ଦୀ କମିଶନର ଶ୍ରୀ ରାଉତ ଏବେ ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଅଛନ୍ତି । ସେହିପରି ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ମାଇନର ମିନେରାଲସଙ୍କ ଯୁଗ୍ମ ନିର୍ଦ୍ଦେଶକ, ନେତ୍ରାନନ୍ଦ ମଲ୍ଲିକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ, ଶୁଭଶ୍ରୀ ରଥଙ୍କୁ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ, ଶିବଶଙ୍କର ମିଶ୍ରଙ୍କୁ ଜଗତସିଂହପୁରର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଓ ପାର୍ଥସାରଥୀ ହାସଦାଙ୍କୁ ପୁରୀ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଖଣ୍ଡପଡ଼ାର ପୂର୍ବତନ ତହସିଲଦାର ଶ୍ରୀ ହାସଦାଙ୍କର ବଦଳିକୁ ବାତିଲ କରାଯାଇଛି। ତାଙ୍କୁ ବାଲେଶ୍ୱରର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା।

# ଓଡ଼ିଶାରୁ ସମ୍ପୂର୍ଣ୍ଣ ବିଦାୟ ନେଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ସମ୍ପୂର୍ଣ୍ଣ ଭାବେ ବିଦାୟ ନେଲା ମୌସୁମୀ। ଆଜି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏନେଇ ସୂଚନା ଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ମୁଖ୍ୟ ପାଣିପାଗ ବିଜ୍ଞାନୀ ଡକ୍ଟର ଏଚ୍.ଆର ବିଶ୍ୱାସଙ୍କ କହିବା ଅନୁସାରେ ଆଗାମୀ ୪ ଦିନ ରାଜ୍ୟର ପାଗ ଶୁଖିଲା ରହିବ। ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବା ନାହିଁ। ତେବେ କେତେକ ସ୍ଥାନରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହିବ। ଭୁବନେଶ୍ୱର ଆକାଶ ଆଂଶିକ ମେଘୁଆ ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ଶୁଖିଲା ରହିଥିଲା। ରାଜ୍ୟର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଅଧିକ ରହିଥିଲା। ଅନୁଗୋଳରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୩୬.୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା।

# ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ସୁରକ୍ଷାକର୍ମୀଙ୍କ କଲେ ଟାର୍ଗେଟ

ରାଉରକେଲା, ୧୩/୧୦ (ନି.ପ୍ର): ଜଙ୍ଗଲରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ। ସୁନ୍ଦରଗଡ଼-ଝାଡଖଣ୍ଡ ସୀମାନ୍ତ ଗୋଏଲକେରା ଥାନା ବାମିଆଁବୁରୁ ଜଙ୍ଗଲରେ ମାଓବାଦୀ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଛନ୍ତି। ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନକୁ ରୋକିବା ପାଇଁ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଛନ୍ତି । ଏବେବି ଜଙ୍ଗଲରେ ମାଓବାଦୀ ଏବଂ ପୋଲିସ ମଧ୍ୟରେ ଗୁଳିବିନିମୟ ଚାଲଛି । ସୂଚନା ଅନୁଯାୟୀ, ଶୁକ୍ରବାର କୋବ୍ରା, ସିଆରପିଏଫ, ଚାଇବସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର ଫୋର୍ସ ମିଳିତ ଭାବରେ ଅପରେସନ କ୍ଲିନ୍ ଚଳାଇଛନ୍ତି। ଆଉ ଏହି ସର୍ଚ୍ଚ ଅପରେସନ ସମୟରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ରୋକିବା ପାଇ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଥିଲେ। ଆଉ ଏହାପରେ ସୁରକ୍ଷାକର୍ମୀଙ୍କ ତରଫରୁ ଆତଙ୍କବାଦୀଙ୍କ ଉପରେ ଗୁଳିମାଡ଼ ହୋଇଥିଲା।

# ଶ୍ରୀମନ୍ଦିର ଗଲେ କ'ଣ ପିନ୍ଧିବେ, କ'ଣ ପିନ୍ଧିବା ମନା: ଜାରି ହେଲା ଗାଇଡ଼ଲାଇନ୍




ପୁରୀ, ୧୩/୧୦ (ନି.ପ୍ର): ଶ୍ରୀମନ୍ଦିରକୁ ଯିବାକୁ ହେଲେ କେଉଁ ଭଳି ପୋଷାକ ପିନ୍ଧିବେ, କେଉଁ ପୋଷାକକୁ ବାରଣ କରାଯାଇଛି ଏନେଇ ଆଜି ବିସ୍ତୃତ ଭାବେ ଜାରି ହୋଇଛି ଗାଇଡ଼ଲାଇନ୍ । ଆଜି ଏନେଇ ଶ୍ରୀମନ୍ଦିର ସୂଚନା କେନ୍ଦ୍ରରୁ ଭକ୍ତଙ୍କୁ ଅବଗତ କରାଯାଇଛି। ମାଇକ୍ ଯୋଗେଁ ଘୋଷଣା କରି ଭକ୍ତଙ୍କୁ କ'ଣ ପିନ୍ଧିବେ ସେସମ୍ପର୍କରେ ସୂଚନା ଦିଆଯାଇଛି। ଏଥିସହ ଆଜି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ପରାମର୍ଶରେ ଦର୍ଶାଯାଇଛି ଯେ, ମନ୍ଦିରକୁ ଯିବା ବେଳେ ପୁରୁଷମାନେ ପ୍ୟାଣ୍ଟ ସାର୍ଟ, ଚୁଡ଼ିଦାର ପଞ୍ଜାବୀ, ଧୋତି ଆଦି ପାରମ୍ପାରିକ ପୋଷାକ ପିନ୍ଧିପାରିବେ। ସେହିପରି ମହିଳାମାନେ ଶାଢ଼ୀ,ଶାଲଓ୍ୱାର ଭଳି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ। ତେବେ ହାଫ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସକୁ ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ବୋଲି କୁହାଯାଇଛି। ଅନାବଶ୍ୟକ ଭାବେ ଶରୀର ପ୍ରଦର୍ଶନ କରୁଥିବା ପୋଷାକ କିମ୍ବା ଧାର୍ମିକ ଭାବନକୁ କୁଠାରଘାତ କଲା ଭଳି ପୋଷାକ ବର୍ଜନୀୟ ବୋଲି ଗାଇଡ଼ଲାଇନ୍‌ରେ ଦର୍ଶାଯାଇଛି। ପ୍ରତ୍ୟେକ ସ୍ତରରେ ଏବେଠୁ ସଚେତନତା ସୃଷ୍ଟି ସହ ଆସନ୍ତା ନୂଆବର୍ଷଠାରୁ ଏହି ନିୟମକୁ କଡ଼ାକଡ଼ି ଲାଗୁ ପାଇଁ ଦିଆଯାଇଛି ନିର୍ଦ୍ଦେଶ।

▶▶ପୃଷ୍ଠା ୭

# ଶ୍ରୀମନ୍ଦିର ଗର୍ଭଗୃହରେ ପଡ଼ିଲା ରକ୍ତଛିଟା

ପୁରୀ, ୧୩/୧୦ (ନି.ପ୍ର): ପୁରୀ ଶ୍ରୀମନ୍ଦିର ଗର୍ଭଗୃହରେ ପଡ଼ିଲା ରକ୍ତଛିଟା। ପସରାଉଠା କର୍ମଚାରୀ ଓ ଜଣେ ସେବାୟତଙ୍କ ମଧ୍ୟରେ ମାରପିଟ୍‌ରୁ ଗର୍ଭଗୃହରେ ପଡ଼ିଲା ରକ୍ତଛିଟା। ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କ ମହାସ୍ନାନ ନୀତି ସଂପନ୍ନ କରାଯାଇଥିଲା। ପସରାଉଠା କର୍ମଚାରୀ ଓ ଉକ୍ତ ସେବାୟତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି ସିଂହଦ୍ୱାର ପୁଲିସ। ସୂଚନା ଅନୁଯାୟୀ, ଗୋଟିଏ ପିଠା ପାଇଁ ଗର୍ଭଗୃହରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଏହି ରକ୍ତାକ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ୩ଟା ୪୦ ମିନିଟରେ ମଧ୍ୟାହ୍ନ ଧୂପ ଉଠି ସାରିବା ପରେ ଯେଉଁ ପିଠା ଭୋଗ କରାଯାଇଥିଲା, ତାକୁ ନେବା ପାଇଁ ଜଣେ ପସରାଉଠା କର୍ମଚାରୀ ଆସିଥିଲେ। ସେ ପିଠା ନେଇ ଯାଉଥିବା ସମୟରେ ବାବୁଲି ପ୍ରଧାନ ନାମକ ଜଣେ ସେବକ ଆସି ଗୋଟିଏ ପିଠା ନେଇ ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା।

▶▶ପୃଷ୍ଠା ୭

# ରଙ୍ଗାରଙ୍ଗ ହେବ ଭାରତ-ପାକିସ୍ତାନ ମ୍ୟାଚ: ଜଲୱା ଦେଖାଇବେ ବଲିଉଡ କଣ୍ଠଶିଳ୍ପୀ, ଯୋଗଦେବେ ବିଗ-ବି, ରଜନୀକାନ୍ତ, ସଚିନ




ନୂଆଦିଲ୍ଲୀ,୧୩/୧୦ : ଶନିବାର ଅହମଦାବାଦର ନରେନ୍ଦ୍ର ମୋଦୀ ମୁହାଁମୁହିଁ ହେବେ ଦୁଇ ଚିର ପ୍ରତିଦ୍ୱନ୍ଦୀ ଭାରତ-ପାକିସ୍ତାନ । ଏଥିପାଇଁ ବଡ଼ ଆୟୋଜନ କରିଛି ବିସିସିଆଇ । ମ୍ୟାଚ ପୂର୍ବରୁ ବଲିଉଡ କଳାକାରଙ୍କୁ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶନିବାର ମଧ୍ୟାହ୍ନ ୨ଟାରେ ମ୍ୟାଚ ଆରମ୍ଭ ହେବାର ଅଛି । ମ୍ୟାଚ୍ ପୂର୍ବରୁ ୧୨.୩୦ ମିନଟରୁ ମଧ୍ୟାହ୍ନ ୧.୧୦ ମିନିଟ୍ ପର୍ଯ୍ୟନ୍ତ ୩୦ ମିନିଟ୍ ଦର୍ଶକଙ୍କ ମନୋରଞ୍ଜନ କରିବେ ବଲିଉଡ ସେଲିବ୍ରଟି । ଅରିଜିତ ସିଂ, ସୁଖବିନ୍ଦର ସିଂ, ଶଙ୍କର ମହାଦେବନ ଭଳି ନାମୀଦାମୀ କଣ୍ଠଶିଳ୍ପୀ ଗୀତ ଗାଇବେ ବୋଲି ବିସିସିଆଇ ପକ୍ଷ୍ୟରୁ କୁହାଯାଇଛି । ଏଥିସହ ବିଶ୍ୱକପ ପାଇଁ ବିସିଆଇ ପକ୍ଷ୍ୟରୁ ପ୍ରଦାନ କରାଯାଇଥିବା ଗୋଲଡେନ ଟିକେଟଧାରୀ ଅମିତାଭ ବଚ୍ଚନ, ସାଉଥଷ୍ଟାର ରଜନିକାନ୍ତ ଏବଂ ସଚିନ ତେନ୍ଦୁଲକରଙ୍କ ସହ ଅନ୍ୟ ଭିଆଇପିମାନେ ମ୍ୟାଚରେ ଉପସ୍ଥିତ ରହିବେ । ବିଶ୍ୱକପର ଉଦଘାଟନୀ ମ୍ୟାଚରେ କୌଣସି ଉତ୍ସବ ଦେଖିବାକୁ ମିଳିନଥିଲା । ଏପରିକି ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚରେ ବି କିଛି ଆୟୋଜନ କରିନଥିଲା ଭାରତ । ହେଲେ ଦୁଇ ଦେଶ ମଧ୍ୟରେ ଶତ୍ରୁତା ଥିଲେ ବି ଭାରତ-ପାକିସ୍ତାନ ମ୍ୟାଚରେ କ୍ରିକେଟପ୍ରେମୀଙ୍କ ଆଗ୍ରହ ଥିବାରୁ ବଲିଉଡ କଳାକାରଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରିଛି ଭାରତ । ଭାରତ ଏବଂ ପାକିସ୍ତାନ ମ୍ୟାଚକୁ ନେଇ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି । ଅହମ୍ମଦାବଦରେ ବଡ଼ ଛୋଟ ସବୁ ହୋଟେଲରେ ରୁମ ବୁକିଂ ସରିଛି । ରହିବା ପାଇଁ ରୁମ ମିଳୁନଥିବାରୁ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷାର

▶▶ପୃଷ୍ଠା ୭

# ନଭେମ୍ବର ୨୭ରୁ ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରା

କଟକ , ୧୩/୧୦ (ନି.ପ୍ର): ନଭେମ୍ବର ମାସ ୨୭ ତାରିଖରୁ ଆରମ୍ଭ ହେବ କଟକର ଐତିହାସିକ ବାଲିଯାତ୍ରା । ନଭେମ୍ବର ମାସ ୨୭ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଏହି ବାଲିଯାତ୍ରା ଚାଲିବ । ତେବେ ଚଳିତବର୍ଷ ୮ ଦିନ ଧରି ବାଲିଯାତ୍ରା ହେବା ନେଇ ସୂଚନା ରହିଛି । ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ ଓ ସୁରକ୍ଷିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ୨୦୨୪ ଲୋକସଭା ନିର୍ବାଚନରେ ମତଦାନ କରିବେ ୧୦୦ କୋଟିରୁ ଅଧିକ ଲୋକ: ପି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୂଚନା



ନୂଆଦିଲ୍ଲୀ, ୧୩/୧୦ (ନି.ପ୍ର): ଆସନ୍ତା ବର୍ଷ ସାଧାରଣ ନିର୍ବାଚନ। ଦେଶ ପାଳିବ ଗଣତନ୍ତ୍ରର ମହୋତ୍ସବ । ଆଗାମୀ ନିର୍ବାଚନରେ ୧୦୦କୋଟି ଭୋଟର ନିଜର ମତ ସାବ୍ୟସ୍ତ କରିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଏହା ଗଣତନ୍ତ୍ରର ଇତିହାସରେ ଏହା ରେର୍କଡ ସୃଷ୍ଟି କରିବ ବୋଲି ନୂଆଦିଲ୍ଲୀର ଯଶୋଭୂମିରେ ଦୁଇ ଦିନିଆ ପି-୨୦ ସମ୍ମିଳନୀର ଉଦଘାଟନ ଅବସରରେ କହିଛନ୍ତି ମୋଦି । ୨୦୧୯ ସାଧାରଣ ନିର୍ବାଚନରେ ୯୦କୋଟି ଭୋଟର ସାମିଲ ହୋଇଥିବା ବେଳେ ୨୦୨୪ ନିର୍ବାଚନରେ ଏହି ସଂଖ୍ୟା ୧୦୦କୋଟି ଟପିବ । ଇଭିଏମ ମେସିନ ଯୋଗୁ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ସହ ଅଧିକରୁ ଅଧିକ ଭୋଟର ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତୀୟ ଗଣତନ୍ତ୍ର ହେଉଛି ବିଶ୍ୱରେ ସର୍ବବୃହତ। ଦିନକୁ ଦିନ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଭୋଟର ସାମିଲ ହେଉଛନ୍ତି।

▶▶ପୃଷ୍ଠା ୭

# ୧୨୮ ବର୍ଷ ପରେ ଅଲମ୍ପିକ୍ସରେ ସାମିଲ ହେବାକୁ ଯାଉଛି କ୍ରିକେଟ: ଆହୁରି ୪ଟି ଗେମକୁ ସାମିଲ କରିବାକୁ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୩/୧୦ (ନି.ପ୍ର): କ୍ରିକେଟ ପ୍ରଶଂସକଙ୍କ ପାଇଁ ଖୁସି ଖବର। ଅଲମ୍ପିକ୍ସୋର ପୁଣି ସାମିଲ ହେବାକୁ ଯାଉଛି କ୍ରିକେଟ । ୧୨୮ ବର୍ଷ ପରେ ପୁଣିଥରେ ଦର୍ଶକ କ୍ରିକେଟ ମ୍ୟାଚର ମଜା ନେଇପାରିବେ । ଅନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ଶୁକ୍ରବାର ଦିନ ଅଲମ୍ପିକ୍ସରେ ନୂଆ ୫ଟି ଖେଳକୁ ସାମିଲ କରିବା ନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଅନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ମୁଖ୍ୟ ଥୋମାସ୍ ବାକ୍ କହିଛନ୍ତି କି, କାର୍ଯ୍ୟକାରୀ ବୋର୍ଡର ଅଧିକାରୀମାନେ କ୍ରିକେଟ ସମେତ ମୋଟ ୫ଟି ନୂଆ ଖେଳକୁ ଅଲମ୍ପିକ୍ସରେ ସାମିଲ କରିବା ନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ୫ଟି ଖେଳ ମଧ୍ୟରେ କ୍ରିକେଟ ବ୍ୟତୀତ ବେସବଲ, ସଫ୍ଟବଲ, ଫ୍ଲାଗ ଫୁଟବଲ, ସ୍କ୍ୱେସ ଖେଳକୁ ସାମିଲ କରାଯାଇଛି । ଏହି ଯେଉଁ ୫ଟି ଖେଳକୁ ଅଲମ୍ପିକ୍ସରେ ସାମିଲ କରାଯାଇଛି ତାହା ୨୦୨୮ରେ ଲସ୍ ଏଞ୍ଜେଲ୍ସ ଠାରେ ଅନୁଷ୍ଠିତ ହେବାକୁ ଥିବା ଅଲମ୍ପିକ୍ସରେ ସ୍ଥାନ ସୁରକ୍ଷିତ କରିବାକୁ ପ୍ରଥମେ ସୋମବାର ଦିନ ଓଇସି ସଦସ୍ୟତା ତରଫରୁ ହେବାକୁ ଥିବା ଭୋଟିଂରେ ବିଜୟଲାଭ କରିବା ଆବଶ୍ୟକ । ସୂଚନା ଥାଉ କି ଏହା ପୂର୍ବରୁ ୧୯୦୦ ମସିହା ପ୍ୟାରିସ୍ ଅଲମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା । ଏବେ ଅଲମ୍ପିକ୍ସରେ ମହିଳା ଓ ପୁରୁଷ ବର୍ଗର କ୍ରିକେଟକୁ ସାମିଲ କରାଯିବ ।

▶▶ପୃଷ୍ଠା ୭

## ବିଜେଡିର ଜନ ସଂପର୍କ ପଦଯାତ୍ରା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): ବିଜୁ ଜନତା ଦଳର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ ସଂପର୍କ ପଦଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ପଦଯାତ୍ରା ଗାନ୍ଧି ଜୟନ୍ତୀ ଠାରୁ ଲୋକ ନାୟକ ଜୟ ପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନ ଓ ପଂଚାୟତରେ ଅନୁଷ୍ଠିତ ହୋଇଥିବାବେଳେ କେନ୍ଦ୍ରାପଡା ସଦର ମହକୁମାରେ ଉଦ୍‌ଯାପନ ପଦଯାତ୍ରା ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ସଂପନ୍ନ ହୋଇଯାଇଛି । ସହରର ତିନିମୁହାଣୀ ସ୍ଥିତ ଗାନ୍ଧୀ ପଦଯାତ୍ରା ସ୍ମାରକୀ ସ୍ଥଳୀ ଠାରୁ ସକାଳୁ ବାହାରି ଦୁହୁରିଆ ପର୍ଯ୍ୟନ୍ତ ଅତିକ୍ରମ କରିଥିଲା । ଏହି ପଦଯାତ୍ରାରେ ବିଧାୟକ ଶ୍ରୀ ବେହେରା ପଥପ୍ରାନ୍ତ ସଭା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡିଶା ବିକାଶ ର ବିଭିନ୍ନ ଯୋଜନା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଜନ ସାଧାରଣଙ୍କ କଲ୍ୟାଣ ଓ ରାଜ୍ୟର ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାକୁ ସାକାର କରିବା ପାଇଁ ଦୀର୍ଘ ବର୍ଷ ହେଲା ଉଦ୍ୟମ ଜାରି ରହିଛି । ମହିଳା ସଶକ୍ତିକରଣ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଆର୍ଥିକ ବିକାଶ ସହ ସମଗ୍ର ଓଡିଶା ମୋ ପରିବାର ର ବିକାଶ କରିବା ବିଜେଡି ସରକାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ରଖି ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

# ଓଡ଼ିଆ ଚାଷୀଙ୍କୁ ଦାଉ ସାଧୁଛି ରଷିଆ-ୟୁକ୍ରେନ ଯୁଦ୍ଧ: ପର ନିର୍ଭରଶୀଳତା ଯୋଗୁଁ ଦର ଉପରେ ଲଗାମ ଲାଗୁନି



ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଚାଷୀଙ୍କୁ ଦାଉ ସାଧୁଛି ରଷିଆ-ୟୁକ୍ରେନ ଯୁଦ୍ଧ । ଏଇଥିପାଇଁ ଯେ କୃଷି ପ୍ରଧାନ ଦେଶ ଭାରତ ସାର କ୍ଷେତ୍ରରେ ଆଜି ବି ପର ଉପରେ ନିର୍ଭରଶୀଳ । ବିଶେଷ କରି ଶୂନ୍ୟ ପଟାସ୍ ଉତ୍ପାଦନ ଯୋଗୁଁ ଭାରତ ସବୁବେଳେ ଚିଲି, ମାଲଦୀପ, ବ୍ରାଜିଲ୍ ସହିତ ୟୁକ୍ରେନ୍, ବେଲାରଷ ଉପରେ ନିର୍ଭର କରିଥାଏ । ଏବେ ରଷିଆ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ନେଉ ନଥିବା ବେଳେ ପଟାସ ବଜାର ଉପରେ ଏହାର ପ୍ରଭାବ ବଢ଼ିବାରେ ଲାଗିଲାଣି । ଦର ନିୟନ୍ତିତ ହୋଇ ପାରୁ ନାହିଁ ଓଲଟା ଉପରମୁହାଁ ହୋଇ ୧୭ ଶହ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିବାରୁ ଡିଲରମାନେ ଏହା କିଣିବା ପାଇଁ ଆଗ୍ରହ କରୁ ନାହାନ୍ତି । କୃଷି ବିଭାଗର ସୂଚନା ଅନୁସାରେ, ଦୁଇ ବର୍ଷ ହେଲା ଯେଉଁଭଳି ଭାବରେ ରାଜ୍ୟରେ ସାର ସଙ୍କଟ ଥିଲା ଚଳିତ ଖରିଫ୍‌ରେ ସେହି ସ୍ଥିତି ଉତ୍ପନ୍ନ ହୋଇ ନାହିଁ । ଖରିଫ୍ କାର୍ଯ୍ୟକ୍ରମ ପାଇଁ ରାଜ୍ୟକୁ ୮ ଲକ୍ଷ ୧୭ ହଜାର ମେଟ୍ରିକ୍ ଟନ୍ ସାର ଆବଶ୍ୟକତା ରହିଥିଲା । କେନ୍ଦ୍ର ପକ୍ଷରୁ ୮ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଯୋଗାଣ ହୋଇଛି । କେନ୍ଦ୍ର ସରକାର ୟୁରିଆ ଏବଂ ଡିଏପି ଆବଶ୍ୟକତା ଠାରୁ ଅଧିକ ଯୋଗାଇଥିଲେ ହେଁ, ପଟାସ୍ କମ ପରିମାଣରେ ପ୍ରଦାନ କରିଛନ୍ତି । ଅର୍ଥାତ ରାଜ୍ୟ ଚାଷୀଙ୍କୁ ସମୁଦାୟ ୭୫ ହଜାର ମେଟ୍ରିକ୍ ଟନ୍‌ର ପଟାସ୍‌ର ଆବଶ୍ୟକତା ଥିଲା ବେଳେ ମିଳିଛି ୫୯ ହଜାର ମେଟ୍ରିକ୍ ଟନ୍ । ଅବସରପ୍ରାପ୍ତ କୃଷି ଅଧିକାରୀ ଅର୍ଜୁନ ବିଶୋଇଙ୍କ କହିବା ଅନୁସାରେ, ୟୁରିଆର ଆମଦାନି ସମୁଦାୟ ଚାହିଦାର ମାତ୍ର ୨୦ % । ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ହେଲେ ଓଡ଼ିଶାକୁ ପୂର୍ବଭଳି ହଇରାଣ ହେବାକୁ ପଡ଼ିବ ନାହିଁ । କିନ୍ତୁ ପଟାସ୍‌ର ସ୍ଥିତି ସମ୍ପୂର୍ଣ୍ଣ ବିପରୀତ ଅଟେ । ପଟାସ୍ ଉତ୍ପାଦିତ ହେଉନଥିବାରୁ ଶତପ୍ରତିଶତ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡୁଛି । ଏଣୁ ଅନ୍ତର୍ଜାତୀୟ କାରଣଗୁଡ଼ିକ ମଧ୍ୟ ପଟାସ୍ ଦରକୁ ପ୍ରଭାବିତ କରିଥାଏ । ଏପରିକି ଚୀନ ଏହାର ଫାଇଦା ଉଠାଇ ଅତୀତରେ ଅନେକ ଥର ଭାରତକୁ ହଇରାଣ ମଧ୍ୟ କରିଛି । ଇସ୍ରାଏଲ୍ ନିଜେ ପଟାସ୍ ଉତ୍ପାଦନ ନକଲେ ମଧ୍ୟ ସେ ଏବଂ ଆଫ୍ରିକା ଭାରତକୁ ଏହା ବିକ୍ରି କରିଥାଆନ୍ତି । ରଷିଆ-ୟୁକ୍ରେନ୍ ଭଳି ଇସ୍ରାଏଲ୍ ଯୁଦ୍ଧ ପଟାସ୍ ଆମଦାନିକୁ ଏତେ ପ୍ରଭାବିତ କରିବ ନାହିଁ ବୋଲି ଆଶା ରହିଛି । ଏସବୁକୁ ବିଚାରକୁ ନେଇ ରସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ଅନ୍ୟଦିଗରେ ପରିବା ଏବଂ ଫଳର ଗୁଣାତ୍ମକ ମାନ ବୃଦ୍ଧି ସହିତ ଗଛର ପାଣି ଖର୍ଚ୍ଚରେ ନିୟନ୍ତ୍ରଣ ପାଇଁ ପଟାସ୍‌ର ବ୍ୟବହାର ହୁଏ । ମରୁଡ଼ି ପରିସ୍ଥିତି ମୁକାବିଲା ଦିଗରେ ମଧ୍ୟ ଏହାର ଭୂମିକା ରହିଛି । ସାମଗ୍ରିକ ଭାବରେ ସବୁ ସାରର ସୁଫଳ ଚାଷକୁ ମିଳିବା ଦିଗରେ ପଟାସ୍ କାର୍ଯ୍ୟ କରିଥାଏ । ରୋଗ-ପୋକ ଲାଗିବା ସମୟରେ ପଟାସ୍ ବିଶେଷ ଚାହିଦା ଥାଏ । ହେଲେ ଅଣଚାଷ ଋତୁ ସମୟରେ ଡିଲରମାନେ ଏହାକୁ ରଖିବାକୁ ପସନ୍ଦ କରନ୍ତି ନାହିଁ । କମ ଚାହିଦା ଯୋଗୁଁ ଅନ୍ୟ ସାର ଭଳି ଜଳପଥ ବଦଳରେ ସଡ଼କ ମାର୍ଗରେ ଆସିଥାଏ । ଏଥିଯୋଗୁଁ ପଟାସ୍ ସଙ୍କଟ ସୃଷ୍ଟି ହେବା ସହିତ ଦର ମଧ୍ୟ ବଢିଥାଏ ।

## ବିହାର କ୍ୟାଡର ଆଇଏଏସ ଅଧିକାରୀଙ୍କ ରଘୁରାଜପୁର ପରିଭ୍ରମଣ

ପୁରୀ, ୧୨/୧୦ (ନି.ପ୍ର): ଆଜି ଅପରାହ୍ନ ରେ ବିହାର କ୍ୟାଡର ର ୧୦ ଜଣ ଭାରତୀୟ ପ୍ରଶାସନିକ ଅଧିକାରୀ ରଘୁରାଜପୁର ଗସ୍ତରେ ଆସିଥିଲେ । ସେମାନେ ଐତିହ୍ୟ ଗ୍ରାମ ରଘୁରାଜପୁର ଯାହା ପଟ୍ଟଚିତ୍ର ପାଇଁ ବେଶ ଖ୍ୟାତି ଅର୍ଜନ କରିଛି ବୁଲି ଦେଖି ଥିଲେ । ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ତାହାର ବିକ୍ରି ର ବ୍ୟବସ୍ଥା, ଲାଭ କ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ପଟ୍ଟଚିତ୍ର କଳାକାର ମାନଙ୍କ ର ତାଲିମ, କଂଚାମାଲ, ବିକ୍ରି ପାଇଁ ବଜାର ସୁବିଧା, ଆବଶ୍ୟକତା ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ବାର୍ତ୍ତାଳାପ କରି ପଟ୍ଟଚିତ୍ର କ୍ରୟ କରିଥିଲେ । ଏହା ଏକ ଚମତ୍କାର ଅନୁଭବ ଓ ଅତି ସୁନ୍ଦର କୁଟୀର ଶିଳ୍ପ । ଏହାକୁ ଆହୁରି ଅଧିକ ଋଦ୍ଧିମନ୍ତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ । ସେମାନେ କାର୍ଯ୍ୟ କରିବାକୁ ଥିବା ଅଂଚଳ ମାନଙ୍କ ରେ ଏହି ଶିଳ୍ପ ବା କଳାର ଉପଯୋଗ ବିଷୟରେ ଚିନ୍ତା କରାଯାଇପାରେ ବୋଲି ସେମାନେ ସୂଚନା ଦେଇଥିଲେ । ସେମାନେ ରଘୁରାଜପୁର ରେ ପହଂଚିବା ପରେ ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ହସ୍ତଶିଳ୍ପ ନିଗମର ଉପ ନିର୍ଦ୍ଦେଶକ ଉମାପତି ବେହେରା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ ପ୍ରମୁଖ ସ୍ୱାଗତ କରିଥିଲେ । ହସ୍ତଶିଳ୍ପୀ ଗୁରୁ ବିଶ୍ୱନାଥ ସ୍ୱାଇଁ, ଲକ୍ଷ୍ମୀଧର ସୁବୁଦ୍ଧି, ଅଭିରାମ ଦାସ ପ୍ରମୁଖ ଅନେକ ଗୁରୁ ଓ କଳାକାର ପଟ୍ଟଚିତ୍ର ସମ୍ପର୍କରେ ଅବଗତ କରାଇଥିଲେ । ପରେ ଅଧିକାରୀ ମାନେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ । ପୂର୍ବରୁ ଏହି ଅଧିକାରୀ ମାନେ ପିପିଲି ମିଶନ ଶକ୍ତିର କାଫେ ଦେଖିବା ସହ ଏହାର ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅଧିକାରୀ ମାନେ ସଂଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ସୁବର୍ଣ୍ଣପୁର, ୧୨/୧୦ (ନି.ପ୍ର): ଆଜି ମଧ୍ୟାହ୍ନ ୧୨ ଘଂଟା ସମୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ମାସିକ ଆଲୋଚନା ସଭା ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଓ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ ତଥା କମିଟି ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ରାୟ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାର ଦୁର୍ଘଟଣା ଜନିତ ମୃତ୍ୟୁହାରକୁ ହ୍ରାସ କରିବା ନିମନ୍ତେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହ ଏନ୍‌ଏଚ୍ ୫୭ରେ ଅବସ୍ଥିତ ଘାଟ କଇଁତରା ପୋଲର ଉଭୟ ପାର୍ଶ୍ୱରେ ଅତ୍ୟଧିକ ଗର୍ତ୍ତ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି ପାଇଁ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ବଲାଙ୍ଗୀରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ଜିଲ୍ଲାର ସମସ୍ତ ସ୍କୁଲ ଓ କଲେଜର ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟ ଫାଟକକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗଠିତ ଜିଲ୍ଲାସ୍ତରୀୟ କମିଟିକୁ ଅନୁମୋଦନ କରିଥିଲେ ।

## ଶେରଗଡ଼ ବ୍ଲକରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

ଗଞ୍ଜାମ, ୧୨/୧୦ (ନି.ପ୍ର): ଗାନ୍ଧି ଜୟନ୍ତୀରୁ ଶେରଗଡ଼ ବ୍ଲକର ବିଭିନ୍ନ ପଂଚାୟତରେ ଆରମ୍ଭ ହୋଇଥିବା ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଆଜି ଉଦଯାପିତ ହୋଇଛି । ୫୬ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ସମସ୍ତ ପଂଚାୟତରେ ପଦଯାତ୍ରା ଓ ପଥପ୍ରାନ୍ତ ସଭା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ବ୍ଲକ ବିଜେଡ଼ି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲ୍ଲା ବିଜେଡ଼ି ଉପସଭାପତି ହୃଷିକେଶ ପାଢ଼ୀ, ମାଧବାନନ୍ଦ ପଣ୍ଡା, ବିଶୋୟୀ ଓ ଛାତ୍ର ବିଜେଡ଼ି ଜିଲ୍ଲା ଉପସଭାପତି ଦିବାକର ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ଓ ନେତା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲା ।

## ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଧର୍ମଶାଳା, ୧୨/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଆଜି ମହାବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଅମୂଲ୍ୟ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ଦାଶ ଓ ଅନ୍ୟତମ ଅତିଥିଭାବେ ବ୍ରହ୍ମବରଦା ଜୁନିଅର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ନାୟକ, ଇତିହାସ ବିଭାଗର ମୁଖ୍ୟ ଶ୍ରୀନିବାସ ଜେନା, ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ, ସମାଜସେବୀ ପ୍ରଦିପ ଦାସ, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ, ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସଂଜୟ କୁମାର ପ୍ରଧାନ, ସଂସ୍କୃତ ବିଭାଗର ମୁଖ୍ୟ ଡ.ରଶ୍ମିକାନ୍ତ ଦାଶ, ରାଜନିତି ବିଜ୍ଞାନ ମୁଖ୍ୟ ସୂର୍ଯ୍ୟକାନ୍ତ ରାଉତ, ଶିକ୍ଷା ବିଭାଗର ମୁଖ୍ୟ ସୌଭାଗ୍ୟ କୁମାର ସାହୁ ଓ ଅଧ୍ୟାପକ ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ନବାଗତ ଛାତ୍ରଛାତ୍ରୀ ଭଲ ମଣିଷ ହେବା ପରାମର୍ଶ ଦେଇଥିଲେ । ଇତିହାସ ବିଭାଗ ଛାତ୍ର ତଫିକ୍ ଓ ଛାତ୍ରୀ ଅନୁସୟା ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ରୀ ଭାଗ୍ୟଶ୍ରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀ ପୂଜା ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ଇତିହାସ ବିଭାଗ ଛାତ୍ରୀ କାଦମ୍ବିନୀ ରଥ, ସ୍ମୃତିରେଖା ପଣ୍ଡା, ଅଞ୍ଜଳି ମଲ୍ଲିକ, ଅରୁଣିମା ନାୟକ, ସଂଗୀତ ଓ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଛାତ୍ରୀ ସୁପ୍ରଭା ସାମଲ, ଦିପ୍ତୀମୟୀ ତ୍ରିପାଠୀ, ମହାବୀର ଜେନା, ସମରଜିତ ଓଝା, ଓ ମହାବିଦ୍ୟାଳୟର ଶିକ୍ଷାକର୍ମଚାରୀ ଧର୍ମେନ୍ଦ୍ର ମହାନ୍ତି, ବିନୟ କୁମାର ରାଉତ, କୁଞ୍ଜ ବିହାରୀ ମହାନ୍ତି, ବିବେକାନନ୍ଦ ଜେନା ଓ ସୁନିଲ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦୁଝରରେ ବିଲବାଡି ଓ ରାସ୍ତାଘାଟରେ ଗାଈଗୋରୁ ଛେଳି ଭଳି ଅବାଧରେ ବୁଲୁଛନ୍ତି ଦଳ ଦଳ ହାତୀ



କେନ୍ଦୁଝର , ୧୨/୧୦ (ନି.ପ୍ର): କେନ୍ଦୁଝରରେ ଏବେ ବିଲ ବାଡିରେ ଗୃହପାଳିତ ପଶୁ ଭଳି ଚରୁଛନ୍ତି ବଣୁଆ ହାତୀ ପଲ । ଏପରିକି ଜାତୀ ରାଜପଥ ଉପରେ ମଧ୍ୟ ଅବାଧ ଚଳ ପ୍ରଚଳ କରୁଛନ୍ତି ଏହି ହାତୀପଲ । ହାତୀ ପଲ ଜଙ୍ଗଲ ଛାଡ ଜନବସତି ମୁହାଁ ହୋଇ ବିଲବାଡିରେ ପଶି ଯାଉଛନ୍ତି । କେନ୍ଦୁଝର ଜିଲ୍ଲାରେ ଏବେ ଯୁଆଡେ ଅନାଇବ ପ୍ରାୟ ସବୁ ଆଡେ ଖାଲି ପଲ ପଲ ବଣୁଆ ହାତୀ ଆଉ ହାତୀ । ଗ୍ରାମାଚଂଳରେ ବଣୁଆ ହାତୀ ପଲଙ୍କର ଉତ୍ପାତ ଏତେ ପ୍ରବଳ ମାତ୍ରାରେ ବଢି ଯାଇଛି ଯେ ଲୋକଙ୍କର ଆଖିରୁ ନିଦ ହଜାଇ ଦେଇଛି । ଏବେ ବିଶେଷ କରି ଧାନ ପାକଳ ହୋଇ ଆସିଥିବା ସମୟରେ ତା ଉପରେ ହାତୀଙ୍କର ଲୋଲୁପ ଦୃଷ୍ଟି ପଡିଥିବା କାରଣରୁ ଚାଷୀ ଙ୍କ ପାଇଁ ଏହା ମୁଣ୍ଡବ୍ୟତାର କାରଣ ପାଲଟି ଅଛି । କେନ୍ଦୁଝର ବନ ଖଣ୍ଡରେ ଏବେ ୧୭୫ ଟି ହାତୀ ରହିଥିବା ବେଳେ ସେ ମଧ୍ୟରୁ ୪୭ ଟି ହାତୀ ରହଛନ୍ତି କେବଳ ସଦର ରେଞ୍ଜରେ । ପାଟଣା ରେଞ୍ଜର ବାଉଁଶୂଳୀ ଅଚଂଳରେ ଗତ କିଛି ଦିନ ହେବ ୧୮ ଟିକିଆ ହାତୀପଲ ଉପଦ୍ରବ ଚଲାଇବା ପରେ ଦିନକ ପୂର୍ବରୁ ସଦର ରେଞ୍ଜର କୁ ଧସେଇ ପଶିବା ପରେ ସେଠାରେ ଡେରା ପକାଇଅଛନ୍ତି । ସେହି ହାତୀପଲ କିଛି ସମୟ ଧରି ୪୯ ନମ୍ବର ରାଜପଥ ମଧ୍ୟ ଅବରୋଧ କରିଥିଲେ । ପରେ ପରେ ସେମାନେ ମଇଦାନକେଲ , ବାଘାଆସାହି , ହରିହରପୁର , କେରିଗରିଆ ବେଡା , ଜଗନ୍ନାଥପୁର , ବେନ୍ଧ , ତାଳପଦା ଦେଇ ରଘୁନାଥପରୁ ଗାଁ ନିକଟସ୍ଥ ଜଙ୍ଗଲ ନିକଟରେ ଡେରା ପକାଇ ଅଛନ୍ତି । କିନ୍ତୁ ଯିବା ସମୟରେ ହାତୀପଲ ପ୍ରାୟ ୩୦ ରୁ ଉର୍ଦ୍ଧ ଚାଷୀଙ୍କର ବ୍ୟାପକ ଫସଲ ନଷ୍ଟ କରିଯାଇଛନ୍ତି । ପୂର୍ବରୁ ମଧ୍ୟ ଏହି ଜଙ୍ଗଲରେ ୧୦ ଟି ହାତୀ ରହଛନ୍ତି । ଏଥିସହ ଜଙ୍ଘିରା ସେକ୍ସନର ୧୯ ଟି ହାତୀ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ସବୁ ସତ୍ୱେ ବନ ବଭାଗ ପକ୍ଷରୁ ହାତୀଙ୍କର ସୁରକ୍ଷା ସହ ଲୋକଙ୍କର ଧନ ଜୀବନ ରକ୍ଷା ପାଇଁ ୨୦ ଟି ହାତୀ ସ୍କ୍ୱାର୍ଡ ସହ ୧୫୦ ଉର୍ଦ୍ଧ ଗଜସାଥୀ ନିୟଜିତ ଅଛନ୍ତି । ଏପଟେ ହାତୀଙ୍କ ହାତୀଙ୍କ ଉପଦ୍ରବ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟତାର କାରଣ ହୋଇଛି । ଏବେ ଧାବ ବିଲରେ ମାଳ ମାଳ ହାତୀ ଗାଇ ଗୋରୁଙ୍କ ଭଳି ଧାନ ବିଲରେ ଚରୁଥିବାର ଦେଖିବାକୁ ମିଳୁଛି । ଏହି ହାତୀ ପଲ ଖାଉଛନ୍ତି ଯେତିକ ତାଠାରୁ ବହୁ ଗୁଣ ଫସଲ ନଷ୍ଟ କରୁଛନ୍ତି । ଏପରିକି ହାତୀମାନେ ଅବାଧରେ ଜିଲ୍ଲାର ରାଜପଥ ଠାରୁ ଜାତୀୟରାଜପଥ , ଗ୍ରାମାଚଂଳ ରାସ୍ତା ମାନଙ୍କ ରେ ଚଳପ୍ରଚଳ କରିବା ସହ ଅନେକ ସମୟରେ ଜଳାଶୟରେ ମଧ୍ୟ ଜଳକ୍ରୀଡା କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ହାତୀମାନଙ୍କ ଦ୍ୱାରା ହେଉଥିବା କ୍ଷୟତିର ଆକଳନ କରାଯାଇ ଚାଷୀଙ୍କୁ ତାର କ୍ଷତି ପୁରଣ ଦିଆଯାଉଥିବା କଥା ବନ ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ କିନ୍ତୁ ପ୍ରଦାନ କରାଯାଉଥିବା ସେହି କ୍ଷତି ରାଶିର ପରିମାଣ କୁ ନେଇ ଚାଷୀ ସନ୍ତୁଷ୍ଟ ନଥିବା ବାରମ୍ବାର କହିଆସୁଥିଲେ ସେଦିଗରେ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ଆସୁଛି ।

# ଗୋବରୀ ନଦୀ ସଫେଇ ଓ ଏହାର ପୁନରୁଦ୍ଧାର ୪ଟି ବିଭାଗର ଉଦ୍ୟମ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): କେନ୍ଦ୍ରାପଡା ସହର ଦେଇ ପ୍ରବେଶ କରିଥିବା ଗୋବରୀ ନଦୀର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବାରୁ ଏହାର ସଫେଇ ଓ ପୁନରୁର୍ଦ୍ଧାର ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ପୌରସଂସ୍ଥା, କେନ୍ଦ୍ରାପଡ଼ା ଜଳ ସେଚନ, କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନିମନ୍ତେ କାଳୀ ମନ୍ଦିର ସାମ୍ନାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତା ରେ ଗୋବରୀ ନଦୀର ସଫେଇ ଓ ପୁନରୁର୍ଦ୍ଧାର କାର୍ଯ୍ୟକ୍ରମ କିଭଳି ହୋଇ ପାରିବ ସେନେଇ ଏକ ସଭାର ଆୟୋଜନ କରାଯାଇ ଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଜିଲ୍ଲାଜଜ ମାନ୍ୟବର ଶ୍ରୀ ମହାନ୍ତି କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ଗୋବରୀ ନଦୀର ଆବଶ୍ୟକତା କେତେ ପରିମାଣରେ ଅପରିହାର୍ଯ୍ୟ ତା ଉପରେ ଆଲୋକପାତ କରିବା ସହିତ ଗୋବରୀ ନଦୀ ଏକ ପବିତ୍ର ନଦୀ କିନ୍ତୁ ପରିତାପ ର ବିଷୟ ବର୍ତ୍ତମାନ ଏହି ନଦୀରେ ଦଳ ଓ ଅଳିଆ ଆବର୍ଜନା ଓ ପଚାସଢା ଜିନିଷ ଏତେ ପରିମାଣ ରେ ରହିଛି ଯାହାଦ୍ୱାରା ନଦୀ ଉପରେ ନିର୍ଭର କରୁଥିବା ହଜାର ହଜାର ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ନଦୀକୁ ଦଳ ଓ ଅଳିଆ ଆବର୍ଜନା ମୁକ୍ତ କରିବା ପାଇଁ ବ୍ୟାପକ ସଚେତନତା ର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ ଅଜୟ କୁମାର ପ୍ରଧାନ, ପରିବାର ଅଦାଲତ ବିଚାର ପତି ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଜଜ ପୋକ୍ସୋ ଶ୍ରୀମତୀ ପ୍ରଣତୀ ପଟ୍ଟନାୟକ, ରେଜିଷ୍ଟ୍ରାର ରମାଦେବୀ ସୋରେନ, ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜଳ ସେଚନ ବିଭାଗର ଉମେଶ ସେଠୀ, ଡ୍ରେନେଜ ବିଭାଗର ସିଦ୍ଧାର୍ଥ ଶେଖର ପ୍ରମୁଖଙ୍କ ସମେତ କାଉନସିଲର ଉମେଶ ଚନ୍ଦ୍ର ନାୟକ, ନିରାକାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ସରପଂଚ, ବହୁ ସଂଖ୍ୟକ ଗ୍ରାମବାସୀ, ସମାଜସେବୀ ଗୋବରୀ ନଦୀ ଦଳ ସଫାରେ ସହ ଯୋଗ କରିଥିଲେ ।

# କିଶୋରୀ ସଶକ୍ତିକରଣ ପାଇଁ ଅଦ୍ୱିକା କପ୍-୨୦୨୩

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ କ୍ରୀଡ଼ା ମାଧ୍ୟମରେ କିଶୋରୀ ସଶକ୍ତିକରଣ ପାଇଁ ଅଦ୍ୱିକା କପ୍ ୨୦୨୩ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ୟୁନିସେଫ୍ ଏବଂ ଆକ୍ସନ୍ ଏଡ଼୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଣ-ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ମିନି ଷ୍ଟାଡିୟମ୍‌ରେ । ଏଥିରେ ଅଂଶଗ୍ରହଣ କରିଥିଲେ ସମସ୍ତ ୯ଟି ବ୍ଲକ୍‌ର କିଶୋରୀ ବାଳିକାମାନେ । କିଶୋରୀମାନେ ମଶାଲ ଶୋଭାଯାତ୍ରା କରିବା ପରେ ଆରମ୍ଭ ହୋଇଥିଲା ଅଣପାରମ୍ପରିକ କ୍ରୀଡ଼ା । କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଦଳମାନଙ୍କୁ ଶେଷରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ପୁରସ୍କାର ପ୍ରଦାନ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର(ରାଜସ୍ୱ) । ନିମନ୍ତ୍ରିତ ଅତିଥିମାନେ କିଶୋରୀ ସଶକ୍ତିକରଣ ପାଇଁ ଅଣପାରମ୍ପରିକ କ୍ରୀଡ଼ାର ଉପାଦେୟତା ଉପରେ ଉଦ୍‌ବୋଧନ ଦେବା ସହ ସମାଜରେ କିଶୋରୀମାନଙ୍କ ପ୍ରତି ଥିବା ମଧ୍ୟଯୁଗୀୟ ବିଚାରଧାରାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ।

# ଉତ୍ତରାଂଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ : ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା

କେନ୍ଦୁଝର, ୧୨/୧୦ (ନି.ପ୍ର): ଉତରାଂଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଚଳିତ ଅକ୍ଟୋବର ୧୨ ତାରିଖ ଗୁରୁବାର ଦିନ କେନ୍ଦଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ଉତରାଂଚଳ ରାଜସ୍ୱ କମିଶନରଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଉତରାଂଚଳ ରାଜସ୍ୱ କମିଶନର ଡ. ଦଳାଇ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗ, ଉପବିଭାଗର କାର୍ଯ୍ୟାବଳୀ ତଦାରଖ କରିବା ସହିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅପରାହ୍ନରେ ଦରବାର ହଲ୍ ?ଠାରେ ରାଜସ୍ୱ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ମଧ୍ୟ ଡ.ଦଳାଇ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘସିରାମ ମୁର୍ମୁ, କେନ୍ଦୁଝର, ଚମ୍ପୁଆ ଏବଂ ଆନନ୍ଦପୁର ଉପଖଣ୍ଡର ଉପଜିଲ୍ଲାପାଳ, ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ରାଜସ୍ୱ କମିଶନରଙ୍କୁ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ ଗୁରୁବାର ପୂର୍ବାହ୍ନରେ ରାଜସ୍ୱ କମିଶନର ଡ. ଦଳାଇ ବାଂଶପାଳ ବ୍ଲକ୍ ପରିଦର୍ଶନ କରିଥିଲେ । ସେଠାରେ ଭିତିଭୂମିର ପର୍ଯ୍ୟବେକ୍ଷଣ କରିବା ସହିତ ବ୍ଲକ୍‌ର କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରି ଦକ୍ଷତାର ସହ କର୍ତବ୍ୟ ସଂପାଦନ କରି ଜନସାଧାରଣଙ୍କୁ ଉତମ ମାନର ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବ୍ଲକ୍‌କୁ ଆସିଥିବା ଲୋକମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନେ ବିଭିନ୍ନ ସରକାରୀ ସେବା କିପରି ପାଉଛନ୍ତି ପଚାରି ବୁଝିଥିଲେ ।

## ଭଙ୍ଗା ରୁଜା ଘଟଣାରେ ଦୁଇ ଗିରଫ

ଜୟପୁର, ୧୨/୧୦ (ନି.ପ୍ର): ଡୁଡୁମା ଜଳ ପ୍ରପାତ ନିକଟ କେଫେ ରେ ଭଙ୍ଗା ରୁଜା ଘଟଣା ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଲା ମାଛ କୁଣ୍ଡ ପୋଲିସ । ଗତ ସପ୍ତାହ ଶନିବାର ଦିନ କୋରାପୁଟ ବିଧାୟକ ରଘୁରାମ ପଡାଲ ଙ୍କ ଦ୍ୱାରା ହୋଇଥିଲା ଉଦଘାଟନ । ଉଦଘାଟନର କିଛି ଘଂଟା ପରେ ଭଙ୍ଗା ରୁଜା କରି କେଫେ ଭିତରୁ ଫେନ ଓ ଚୌକି ଟେବୁଲ ଚୋରି କରି ନେଇଯାଇଥିଲେ । ଡୁଡୁମା ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀର ର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି । ପର୍ଯ୍ୟଟକଙ୍କ ପାଇଁ କେଫେ ନିର୍ମାଣ କରି ଏହାର ଦାୟିତ୍ୱ ମିଶନ ଶକ୍ତି ମହିଳା ମାନଙ୍କୁ ଦିଆ ଯାଇଛି । ତେବେ ଶନିବାର ରାତ୍ରି ରେ ଦୁଇଜଣ ବ୍ୟକ୍ତି ଆକ୍ରୋଶ ରାଖୀ କେଫେ ଭଙ୍ଗା ରୁଜା କରି ଫେନ ଏବଂ ଟେବୁଲ ଚୋରି କରି ନେଇଥିଲେ । ଏହିଘଟଣାକୁ ନେଇ ମିଶନ ଶକ୍ତି ମହିଳା ମାନେ ମାଛକୁଣ୍ଡ ଥାନାରେ ଅଭିଯୋଗ କରିବା ପରେ ମାଛକୁଣ୍ଡ ପୋଲିସ ୨୪ ଘଂଟାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ଫୋନ ଗୁଡିକ ଜବତ କରିଛି ପୋଲିସ । ଗିରଫ ବ୍ୟକ୍ତି କଦମଗୁଡା ଗ୍ରାମର ବାବୁଲା ଗୌଡ଼ ଏବଂ ଭୀମ ଭୋଇ । ପୋଲିସ ପଚାର ଉଚାର କରିବା ପାରେ ଏମାନେ ଦୋଷ ସ୍ୱୀକାର କରିବା ସହ ଅନ୍ୟ ମହିଳାଙ୍କୁ କେଫେ ହସ୍ତାନ୍ତରକୁ କେନ୍ଦ୍ର କରି ଏହିଭଳି କାଣ୍ଡ କରିଥିବା ସ୍ୱୀକାର କରିଥିବା ନ ନ୍ଦପୁର ଝଉଚଙ୍କ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ।

# ସ୍ତନ୍ୟପାନ ଓ ମା'ର ସୌନ୍ଦର୍ଯ୍ୟ



**ଶିଶୁଜନ୍ମ ପରେ ପରେ ମା' ସ୍ତନରେ ଏକ ଅମୃତର ପ୍ରକୃତି ଖଞ୍ଜି ଦେଇଛି, ଯାହା ଶିଶୁକୁ ବଂଚିବାର ସମସ୍ତ ଉପାଦାନ ଯୋଗାଇ ଦେଇଥାଏ ଏବଂ ଶିଶୁର ଶାରୀରିକ ତଥା ମାନସିକ ବର୍ଦ୍ଧନ ପାଇଁ ସମସ୍ତ ପ୍ରକାର ପୋଷଣ ଦେହରେ ପହଂଚାଇଥାଏ। ଏଥିସହିତ ମା' ଠାର ସ୍ତନ୍ୟ ପାନ ଉଭୟ ମା' ଓ ଶିଶୁଙ୍କୁ ବହୁ ରୋଗଠାରୁ ମଧ୍ୟ ଦୂରେଇ ରଖିବାରେ ସହାୟକ ହୋଇଥାଏ।**

ମାତୃତ୍ୱ ନାରୀଟିକୁ ଏକ ସୁକୋମଳ ଲାଳିତ୍ୟରେ ସୌନ୍ଦର୍ଯ୍ୟମୟୀ କରିଦିଏ। ଗର୍ଭଧାରଣ କରିବା ମାତ୍ରେ ଅପୂର୍ବ ତେଜ ଓ ଲାବଣ୍ୟରେ ତା'ର ଅଙ୍ଗପ୍ରତ୍ୟଙ୍ଗ ଉଜ୍ଜ୍ୱଳ ହୋଇଯାଏ ଏବଂ କିଛି ମାସ ଭିତରେ ନାରୀର ଆବରଣ ଖୋଲି ପ୍ରଜାପତି ଭଳି ମା'ଟିଏ ଏ ଧରାରେ ଜନ୍ମ ନେଇଥାଏ। ତେବେ ମୁହଁର ଏ ଉଜ୍ଜ୍ୱଳତା, ଚର୍ମର ଓ ଚିକ୍କଣତା ତଥା ଦେହର ଏ ଅଖଣ୍ଡ ଲାବଣ୍ୟର ରହସ୍ୟ କ'ଣ? କେଉଁଠୁ ଆରମ୍ଭ ହୁଏ ଏ ଅଖଣ୍ଡ ଆଭାର ଉତ୍ସ? ଏହା ହେଉଛି ଗର୍ଭାବସ୍ଥାରେ ଝରୁଥିବା ହରମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରେନର କରାମତି।

ମା' ସ୍ତନରୁ ଝରୁଥିବା ବହଳିଆ କଷ କ୍ଷୀର ଶିଶୁ ପାଇଁ ପ୍ରଥମ ପ୍ରତିଷେଧକ ଟିକା ଏବଂ ଏହା ଅନେକ ରୋଗରୁ ଶିଶୁଟିକୁ ରକ୍ଷା କରିଥାଏ। ମା'କ୍ଷୀର ଯେ ଶିଶୁ ପାଇଁ ଅମୃତ, ଏକଥାର ପ୍ରାୟ ସହରାଂଚଳ ଓ ଗ୍ରାମାଂଚଳର ମହିଳାମାନ ଜାଣିଲେଣି, ତେଣୁ ଅନେକ ସ୍ତନ୍ୟପାନ ପାଇଁ ଆଗଭର ହେଲେଣି। ଦୁଃଖର ବିଷୟ ଏବେ ବି କେତେକ ଆଧୁନିକ ମା' ଏବଂ କର୍ମଜୀବୀ ମହିଳା ସୌନ୍ଦର୍ଯ୍ୟ ହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଂଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହେବା ସହ ସ୍ତନ ଢିଲା ହୋଇ ଓହଳିପଡ଼ିବ, ଏବଂ ବକ୍ଷର ଚର୍ମ ମଧ୍ୟକୁଂଚିତ ହୋଇଯିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଂଚିତ କରିଥଏ। କିନ୍ତୁ ଏହି ଧାରଣା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବିଅଂଶ ପୁଷ୍ଟିସର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା'ଦେହରୁ ଅଯଥା ଚର୍ବି ଅଠା ଓ ମୋଟାପଣିଆ(ଓବେସିଟି)କୁ କମାଇ ଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କ ଅକ୍ସିଟୋସିନ ହରମୋନର କ୍ଷରଣ ହେବା ଦ୍ୱବରା ଜରାୟୁ ସଂକୁଚିତ ହୋଇଥାଏ, ଏହାର ଆଭଦ୍ୱାରା ମା'ର ମାସିକ ଋତୁସ୍ରାବ ବିଳମ୍ବରେ ହୋଇଥାଏ ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପସନ)।

ସ୍ତନ୍ୟପାନ ମଧ୍ୟ ମା'କୁ ଅନେକ ରୋଗରୁ ରକ୍ଷା କରିଥାଏ ଯଥା ସ୍ତନକର୍କଟ, ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ କ୍ୟାନ୍ସର), ଜରାୟୁଗ୍ରୀବା କର୍କଟରୋଗ, ରିଉମାଟଏଡ଼ ଆର୍ଥ୍ରାଇଟିସ ହାଡ଼ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରାଲ ଓ ଟ୍ରାଇଗ୍ଲିସରାଇଡ଼ (ରକ୍ତରେ ଚର୍ବିଅଂଶ) କମ ପରିମାଣରେ ଥାଏ, ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

ଶିଶୁକୁ ୬ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ଦିଆ ଯାଇଥାଏ, ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏଁ ସ୍ତନ୍ୟପାନ କରାଇଥିଲେ, ମାନସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ଭାଗ ସ୍ତନ କର୍କଟ ରୋଗ ହେବା ଆଶଙ୍କା କମି ଯାଇଥାଏ। ୬ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇବା ମା'ର ମେନୋପଜ୍ ଆଗରୁ ସ୍ତନ କର୍କଟ ରୋଗ ହେବାର ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥାଏ। ୭ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ସ୍ତନ କର୍କଟ ହେବା ପ୍ରାୟ ନଥାଏ। ମା' ଓ ଶିଶୁ ଭିତରେ ଏକ ସ୍ନେହର ବନ୍ଧନ ଜନ୍ମ ପରେ ପରେ ହିଁ ଆରମ୍ଭ ହୋଇଥାଏ। ଯାହାଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେ କରିଥାଏ, ତାର ଶାରୀରିକ ଓ ମାନସିକ ବିକାଶ ଭଲ ହେବା ସହ ମା'କୁ ମଧ୍ୟ ଭାବନାତ୍ମକ ସନ୍ତୋଷ ମିଳିଥାଏ ଏବଂ ଆତ୍ମସନ୍ତୋଷର ଏକ ଅପୂର୍ବ ଆଭା ସାରା ଦେହରେ ଉଛୁଳି ଉଠେ, ଯାହାକି ମା'ର ସୌନ୍ଦର୍ଯ୍ୟ ବୃଦ୍ଧିକରେ। ତା'ଛଡ଼ା ସ୍ତନ୍ୟପାନ କରାଉଥିବା ଦିନଗୁଡ଼ିକରେ ମା' ଖାଉଥିବା ଖାଦ୍ୟ ଏବଂ ପାନୀୟ ମଧ୍ୟ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ତେଣୁ ଆଧୁନିକା, କର୍ମଜୀବୀ ମା'ମାନେ ସ୍ତନ୍ୟପାନ ଦ୍ୱାରା ସୌନ୍ଦର୍ଯ୍ୟ ହାନି ନୁହେଁ ବରଂ ସୌନ୍ଦର୍ଯ୍ୟମୟୀ ହେବା ପାଇଁ ନିଜ ମନକୁ ଦୃଢ଼ କରନ୍ତୁ ଏବଂ ଏକ ସଶ୍ରଦ୍ଧ ଇଚ୍ଛା ଶକ୍ତି ରଖି ଶରୀରର କିଛି ଅଂଶ କ୍ଷୀର ଆକାରରେ ନିଜ ନବଜାତକକୁ ଖୁଆଇ ତାକୁ ସୁସ୍ଥ ରଖିବାର ସଂକଳ୍ପ ନିଅନ୍ତୁ।





## ସ୍କାଇପ୍‌ରେ ପଠାଇ ପାରିବେ ଟଙ୍କା




ଯଦି ଆପଣ ସ୍କାଇପ ବ୍ୟବହାର କରୁଥିବେ, ତେବେ ଏହି ଆପ ମାଧ୍ୟମରେ ଆପଣ ନିଜ ସମ୍ପର୍କରେ ଥିବା ବନ୍ଧୁ, ସମ୍ପର୍କୀୟ, ବାପାମା', ପିଲାଙ୍କ ନିକଟକୁ ଟଙ୍କା ପଠାଇ ପାରିବେ। ସ୍କାଇପ୍ ପେପାଲ ସହିତ ମିଶଇ ଏହାର ଆପରେ ନୂଆ 'ସେଣ୍ଡ ମନି' ଫିଚର ଆଣିଛି। ଏବେ ଏହି ଫିଚର ବ୍ରିଟେନ, ଆମେରିକା, କାନାଡ଼ା ଓ ୟୁରୋପୀୟ ବଜାରକୁ ମିଶାଇ ମୋଟ ୨୨ଟି ଦେଶରେ ଆସି ସାରିଛି ପ୍ରଥମଥର ଟଙ୍କା ପଠାଇଥିବା ୟୁଜରଙ୍କ ପାଇଁ ନିଜ ଲୋକେସନ ବା ଅବସ୍ଥିତି ସମ୍ପର୍କରେ ଜଣାଇବାକୁ ପଡ଼ିବ। ଯଦି ଏହି ଫିଚର ସେମାନଙ୍କ ଅଂଚଳରେ ଆକ୍ଟିଭ ହୋଇସାରିଥିବ ତା'ହେଲେ ଯାଇ ଟଙ୍କା ପଠାଇବା ପାଇଁ ପେପାଲ ଆକାଉଣ୍ଟକୁ ସ୍କାଇପ ସହିତ ସଂଯୋଗ କରିପାରିବେ।

ସ୍କାଇପ୍ ଚାଟ୍‌ରେ 'ଫାଇଣ୍ଡ' ଉପରେ ଟ୍ୟାପ କରି କିମ୍ବା ଡାହାଣ ଆଡ଼କୁ ସ୍ୱାଇପ କରି ସେଣ୍ଡ ମନି ଅପସନ୍ ବାଛିପାରିବେ। ଯାହାକୁ ଟଙ୍କା ପଠାଇବେ ସେହି ବ୍ୟକ୍ତି ରହୁଥିବା ସ୍ଥାନ ବାଛି ତାଙ୍କୁ କେତେ ଟଙ୍କା ପଠାଇବେ ତାହା ଉଲ୍ଲେଖ କରିବେ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ,ଏଥିପାଇଁ ପ୍ରେରକ ବା ସେଣ୍ଡରଙ୍କ ନିକଟରେ ଅପର ନୂଆ ଭର୍ସନ ଥିବା ଜରୁରୀ ଅଟେ।। ରିସଭର ବା ପ୍ରାପ୍ତିକର୍ତ୍ତାଙ୍କ ଠାରେ ଯେକୌଣସି ଭର୍ସନର ଆପ୍ ଥିଲେ ବି ତାଙ୍କୁ ଅର୍ଥ ମିଳିଯିବ।

# ସାପ କାମୁଡ଼ାର ଚିକିତ୍ସା

**ସାପ କାମୁଡ଼ା ଓଡ଼ିଶାରେ ବିଶେଷ ଭାବେ ଦେଖାଯାଏ। ତେବେ ସାପ କାମୁଡ଼ା ସମୟରେ ଚିକିତ୍ସା ଅପେକ୍ଷା ସଚେତନତା ଅଭାବରୁ ରୋଗୀକୁ ମୁମୂର୍ଷୁ କରି ଦିଆଯାଉଥିବା ଅଭିଯୋଗ ଆସିଥାଏ।**





ସାପ ସାଧାରଣତଃ ଦୁଇ ପ୍ରକାର। ଗୋଟିଏ ବିଷଧର ଓ ଅନ୍ୟଟି ବିଷହୀନ। ବିଷହୀନ ସାପ କାମୁଡ଼ିଲେ କୌଣସି କ୍ଷତିହୁଏ ନାହିଁ। କିନ୍ତୁ ବିଷଧର ସାପ କାମୁଡ଼ିଲେ ୧୫ରୁ ୨୦ ମିନିଟ ମଧ୍ୟରେ ବିଷ କ୍ରିୟା ଜଣାପଡ଼େ। ବିଧେର ସାପ ପୁଣି ଦୁଇ ଶ୍ରେଣୀର। ଗୋଟିଏ ହେଲା ଗୋଖର ବା ନାଗ ଶ୍ରେଣୀର ଓ ଅନ୍ୟଟି ବୋଡ଼ା ଶ୍ରେଣୀର। ସାପ କାମୁଡ଼ିଲେ ଏହାର ଦଂଶନ ସ୍ଥାନରେ ଦୁଇଟି ଦାନ୍ତ ଚିହ୍ନ ଦେଖାଯାଇଥାଏ। ସ୍ଥାନଟି ଫୁଟିଯିବା ସହ ଯନ୍ତ୍ରଣା ଦେଇଥାଏ। ଏହି ସମୟରେ ଦେହ ଝିମ୍ ଝିମ୍ ଲାଗିବା ସହ କେତେକ କ୍ଷେତ୍ରରେ ରକ୍ତସ୍ରାବ ହୁଏ। ଜଣ ଜଣଙ୍କ ଶରୀର କ୍ରମଶଃ ନୀଳ ପଡ଼ିଯାଏ।

ବିଷାକ୍ତ ପ୍ରଜାତିର ନାଗ କିମ୍ବା ଗୋଖର ସାପ କାମୁଡ଼ିଲେ ବିଶେଷକରି ମସ୍ତିଷ୍କ ଓ ସ୍ନାୟୁ କ୍ଷତିଗ୍ରସ୍ତ ହୋଇଥାଏ। ସାପ କାମୁଡ଼ିଥିବା ଲୋକର ଆଖିପତା ପଡ଼ି ଆସିଥାଏ ଯାହାଫଳରେ ସେ ପ୍ରତିଟି ଜିନିଷକୁ ଦୁଇ ଦୁଇଟା ଦିଶିବା ସହ ଆଉ କେତେକ କ୍ଷେତ୍ରରେ ଝାପ୍‌ସା ଦିଶିଥାଏ। ପକ୍ଷାଘାତ ରୋଗୀ ପରି ହାତଗୋଡ଼ ଦୁର୍ବଳ ହେବା ସହ ଶରୀର ଥକା ଲାଗିଥାଏ। ଜଣେ ଜଣେ ବେହୋସ ହୋଇଯାଆନ୍ତି।। ତେବେ ଏହା ଭିତରେ ଶ୍ୱାସକ୍ରିୟା ବନ୍ଦ ହୋଇଗଲେ ସବୁକିଛି ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତେବେ ବୋଡ଼ା ପ୍ରଜାତିର ସାପ କାମୁଡ଼ିଲେ ବିଶେଷକରି ରକ୍ତକୋଷ କ୍ଷତିଗ୍ରସ୍ତ ହୋଇଥାଏ। କେବଳ ସେତିକି ନୁହେଁ ପ୍ରବଳ ଭାବରେ ମୁଣ୍ଡବ୍ୟଥା ହୋଇ ଲୋକଟି ବାତାଳ ପରି ଅବଶ ହୋଇ ବାନ୍ତି କରିଥାଏ। ଗୁରୁତର କ୍ଷେତ୍ରରେ କଫରେ ରକ୍ତ ପଡ଼ିବା ସହ ପରିସ୍ରା ମଧ୍ୟ ବନ୍ଦ ହୋଇଯାଇଥାଏ। ଖରାଦିନେ ଗାତ ବାହାରୁ ସାପମାନେ କିଛି କ୍ଷେତ୍ରରେ ବୁଲାବୁଲି କରିବା ସହ ବର୍ଷାଦିନରେ ସେମାନଙ୍କ ଗାତରେ ପାଣି ପଶି ଯାଉଥିବାରୁ ପ୍ରାୟତଃ ପାହାରକୁ ଚାଲିଆସନ୍ତି। ତେବେ ଗ୍ରାମାଂଚଳରେ ରାତିରେ ଶୋଇଲା ବେଳେ ମଶାରୀ ବ୍ୟବହାର ଖୁବ ଭଲ କାରଣ ନିବୁଜ ମଶାରୀ ଭିତରକୁ ସାପମାନେ ଯିବା ସମ୍ଭବ ହୋଇପାରି ନଥାଏ। ତେବେ ନିଜ ପରିବେଶକୁ ପରିଷ୍କାର କଲେ ଏହା ସାପର ନିରାପଦ ସ୍ଥଳୀ ହୋଇପାରିବ ନାହିଁ। ଆମ ରାଜ୍ୟର ଲୋକମାନେ ଭ୍ରାନ୍ତଧାରଣା ଶିକାର ହୋଇ ଗୁଣିଗାରେଡ଼ି ଓ ଅନ୍ୟାନ୍ୟ ଟୁଟୁକା ଚିକିତ୍ସା କରି ଶେଷ ମୁହୂର୍ତ୍ତରେ ଡାକ୍ତରଖାନାକୁ ଯାଇଥାନ୍ତି। ତେବେ ସାପ କାମୁଡ଼ିଥିବା କ୍ଷେତ୍ରରେ ଧୈର୍ଯ୍ୟହରା ନହୋଇ ଲୋକକୁ ଆଶ୍ୱାସନା ଦିଅନ୍ତୁ। ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇ ପାରିଲେ ଲୋକଟି ଭିତରୁ ଭୟ ଅପସରି ଯିବ। ଏ କ୍ଷେତ୍ରରେ ଲୋକକୁ ଚତ୍ କରି ଶୁଆଇ ଦିଅନ୍ତୁ। ହଲଚଲ ହେବାକୁ ସୁଯୋଗ ନଦେବା ସହ ସାପ କାମୁଡ଼ିଥିବା ସ୍ଥାନକୁ ପରିଷ୍କାର ଭାବରେ ସାବୁନ କିମ୍ବା ଡେଟଲରେ ଧୋଇ ଦିଅନ୍ତୁ। ସୁବିଧା ଥିଲେ ବରଫ ବ୍ୟବହାର କରିପାରନ୍ତି ତେବେ କାମୁଡ଼ି ଥିବା ସ୍ଥାନରେ ଉପର ଅଂଶକୁ ସର୍ବ ପ୍ରଥମେ ବାନ୍ଧି ଦିଅନ୍ତୁ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଡାକ୍ତରଖାନାକୁ ରୋଗୀକୁ ତୁରନ୍ତ ନିଅନ୍ତୁ। ସାପ କାମୁଡ଼ିବାର ଚିକିତ୍ସା ପାଇଁ ସରକାର ଡାକ୍ତରଖାନାରେ ବିନା ମୂଲ୍ୟରେ ଇଞ୍ଜେକସନ ଯୋଗାଇ ଦେଇଛନ୍ତି। କେହି କେହି ସାପ କାମୁଡ଼ିବାସ୍ଥାନକୁ କାଚ ଓ ବ୍ୟବହୃତ ଖଡ଼ିକା ଦ୍ୱାରା ଖଣ୍ଡିଆ କରିବା ସହିତ ଆଉ କେହିକେହି ଉକ୍ତ ସ୍ଥାନକୁ କିରୋସିନି ବା ପେଟ୍ରୋଲ ବ୍ୟବହାର କରି ପୋଡ଼ିଥାନ୍ତି, ଯାହା ରୋଗୀଟି ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ।




# ଫର୍ମେଣ୍ଟେଡ୍ ଫୁଡ୍ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ: ଜାଣନ୍ତୁ ଏହାର ଫାଇଦା

**ଫର୍ମେଣ୍ଟେଡ୍ ଖାଦ୍ୟ ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ । ଏଥିରେ ବହୁ ମାତ୍ରାରେ ପ୍ରୋବାୟୋଟିକ୍ସ ସହିତ ବାୟୋଟିକ୍ ତତ୍ତ୍ୱ ମଧ ମିଳିଥାଏ, ଯାହା ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ । ଏହା ମଧୁମେହର ରିସ୍କକୁ କମ୍ କରିଥାଏ । ମଧୁମେହ ରୋଗୀଙ୍କ ପାଇଁ ଫର୍ମେଣ୍ଟେଡ୍ ଫୁଡ୍ ସୁପର ଫୁଡ୍ ଭାବେ କାମ କରିଥାଏ । ଫର୍ମେଣ୍ଟେଡ୍ ଫୁଡ୍ ହେଉଛି ଯାହା କାର୍ବୋହାଇଡ୍ରେଟ୍ ବ୍ୟାକ୍ଟେରିଆ, ଫଙ୍ଗସ୍ ବା ଇଷ୍ଟର ସାହାଯ୍ୟରେ ଏସିଡ୍ ବା ଆଲକହଲ୍‌ରେ ପରିବର୍ତ୍ତିତ ହୋଇଥାଏ । ଏଥିରେ ଆପଣଙ୍କ ଗଟ୍ସ(ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍ ସିଷ୍ଟମ୍)ର ମାଇକ୍ରୋବାୟୋମ୍‌କୁ ବଢାଇବା କ୍ଷମତା ରହିଛି, ଯାହା କେବଳ ଆପଣଙ୍କ ପାଚନ ତନ୍ତ୍ର ନୁହେଁ, ବରଂ ସାରା ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ଚାଲନ୍ତୁ ଜାଣିବା ମଧୁମେହ ରୋଗୀଙ୍କ ପାଇଁ ଫର୍ମେଣ୍ଟେଡ୍ ଫୁଡ୍‌ର ଫାଇଦା।**

କୋଲେଷ୍ଟରଲ୍ କମ୍ କରେ: ଫର୍ମେଣ୍ଟେଡ୍ ଫୁଡ୍ ଶରୀରରେ କୋଲେଷ୍ଟରଲ୍ ସ୍ତରକୁ କମ୍ ରଖିଥାଏ । ଏହା ଶରୀରର ଭେସୋକନଷ୍ଟ୍ରିକ୍ଟର୍ ସମସ୍ୟାକୁ ରୋକିଥାଏ, ଯାହାଦ୍ୱାରା କାର୍ଡିଓଭାସ୍କୁଲାର୍ ରୋଗର ଆଶଙ୍କାକୁ କମ୍ ରହିଥାଏ । ଏଥିରେ ପ୍ରୋବାୟୋଟିକ୍ ରହିଥାଏ, ଯାହା କୋଲେଷ୍ଟରଲ୍ ସ୍ତରକୁ କମ୍ କରିଥାଏ । ମଧୁମେହ ରୋଗୀଙ୍କଠାରେ କୋଲେଷ୍ଟରଲ୍ ବଢିବାର ଆଶଙ୍କା ଅଧିକ ରହିଥାଏ । ତେଣୁ ମଧୁମେହ ରୋଗ ଥିଲେ ଆରମ୍ଭରୁ ଡାଏଟ୍ରେ ଫର୍ମେଣ୍ଟେଡ୍ ଖାଦ୍ୟ ସାମିଲ୍ କରିବା ଉଚିତ୍ ।

ଓଜନ ରଖେ ନିୟନ୍ତ୍ରିତ: ଫର୍ମେଣ୍ଟେଡ୍ ଖାଦ୍ୟ କମ୍ କାର୍ବୋ ଯୁକ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ । ତେଣୁ ଓଜନ ନିୟନ୍ତ୍ରିତ ରଖିବା ସତ୍ତ୍ୱେ ଅଧିକ ସମୟ ଯାଏ ପେଟ ଭରା ରଖିଥାଏ । ଫଳରେ ମଧୁମେହ ରୋଗୀର ଓଜନ ଓ ରୋଗ ନିୟନ୍ତ୍ରିତ ରହିଥାଏ ।










ଅଧିକ ଫାଇବର ଥାଏ: ଏଥିରେ ବହୁ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ । ଯେପରିକି ମିନେରାଲ୍ସ, ଭିଟାମିନ୍-ସି ଓ ବି ରହିଥାଏ । ସେହିପରି ବହୁ ମାତ୍ରାରେ ଫାଇବର ରହିଥାଏ । ଫଳରେ ଅଚାନକ୍ ମଧୁମେହ ବଢିବାର ଆଶଙ୍କା କମ୍ ରହିଥାଏ ।



ପ୍ରଦାହ କମାଏ: ଫର୍ମେଣ୍ଟେଡ୍ ଖାଦ୍ୟ ପ୍ରଦାହକୁ କମ୍ କରିଥାଏ । ଏଥିରେ ବାୟୋଆକ୍ଟିଭ୍ ତତ୍ତ୍ୱ ରହିଥାଏ, ଯାହା ଖୁବ୍ କମ୍ ଖାଦ୍ୟ ସାମଗ୍ରୀରୁ ମିଳିଥାଏ । ମଧୁମେହରୁ ହେଉଥିବା ପ୍ରଦାହକୁ ଏହା କମ୍ କରିଥାଏ । ତେଣୁ ମଧୁମେହ ରୋଗୀମାନେ ଯଥାସମ୍ଭବ ଏହାକୁ ନିୟମିତ ଖାଦ୍ୟରେ ସାମିଲ୍ କରିବା ଆବଶ୍ୟକ । ଭାରତୀୟ ଫର୍ମେଣ୍ଟେଡ୍ ଖାଦ୍ୟ ଭିତରେ ରହିଛି । ଇଡ୍ଲୀ, ଦୋସା, ନାନ୍, ଜଲେବୀ, ଭଟୋରା ଓ ଏଣ୍ଡୁରି ପିଠା ଇତ୍ୟାଦି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଅକ୍ଟୋବର ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇସ୍ରାଏଲ ଶାନ୍ତି ପ୍ରସଙ୍ଗ...

ଇସ୍ରାଏଲ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଯୁଦ୍ଧ କରି ହାମାସ୍‌କୁ ଧ୍ୱଂସ କରିବା ମାନସିକତାରେ ରହିଛି । ଅପର ପକ୍ଷରେ, ଗାଜା ଷ୍ଟ୍ରିପ୍ ପାଲେଷ୍ଟିନୀୟ ଅଧିବାସୀମାନେ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ରହିଛନ୍ତି। ଦୀର୍ଘ ଦିନ ପରେ ହାରାହାରି ୨.୩ ମିଲିଅନ୍ କି ସେହିଭଳି କିଛି ସଂଖ୍ୟକ ଲୋକ ସମ୍ପ୍ରତି ଅତ୍ୟନ୍ତ କଦର୍ଯ୍ୟ ମାନବୀୟ ସଂକଟର ସାମ୍ନା କରୁଛନ୍ତି, ଯଦିଓ ସେମାନେ ଜାଣିଛନ୍ତି ଯେ ଲଗାତର ଭାବରେ ସେମାନେ ଏକ ବିପଜ୍ଜନକ ସ୍ଥାନରେ ବାସ କରୁଛନ୍ତି, ଯାହାକୁ ଆତଙ୍କବାଦୀ ଗୋଷ୍ଠୀ ହାମାସ୍ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରୁଛି । ଏକ ଇସ୍ରାଏଲୀ ରିପୋର୍ଟ ଅନୁସାରେ ଏଇ ହାମାସ୍ ହିଁ ପ୍ରଥମେ ଇସ୍ରାଏଲ ଉପରେ ଏକ ଭୟଙ୍କର ଆକ୍ରମଣ କରିଛି, ଏମିତିକି କାଫର୍ ଆଜା ଗ୍ରାମରେ ପଶି ପୁରୁଷ ଓ ମହିଳାମାନଙ୍କ ସମେତ ଛୋଟ ଶିଶୁ ଏବଂ ପିଲାମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଛି । ଆଉ ଏହାର ପ୍ରତିଶୋଧ ନେବାକୁ ଯାଇ ଇସ୍ରାଏଲ ଗାଜାରେ ଧ୍ୱଂସର ତାଣ୍ଡବ ରଚାଇ ଚାଲିଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ହାମାସ୍‌ର ମୂଳୋତ୍ପାଟନ । ଏଇ କ୍ରମରେ ଇସ୍ରାଏଲ ଅନେକଗୁଡ଼ିଏ ଉତ୍ସରୁ ତା'ର ସେନାବାହିନୀକୁ ଗାଜା ପଠାଇବାକୁ ପଦକ୍ଷେପ ନେଉଥିବା ବେଳେ ୟୁରୋପୀୟ ରାଷ୍ଟ୍ରସଂଘ, ଇଜିପ୍ଟ ଭଳି ଦେଶମାନେ ଗାଜା ଅଧିବାସୀଙ୍କୁ ସେମାନଙ୍କ ବାସସ୍ଥାନ ପରିତ୍ୟାଗ କରି ପଳାୟନ କରିବା ନିମନ୍ତେ ସୁଯୋଗ ଦେବା ଉଦ୍ଦେଶ୍ୟରେ ଇସ୍ରାଏଲକୁ ମାନବୀୟ କରିଡରଗୁଡ଼ିକୁ ଆକ୍ରମଣରୁ ମୁକ୍ତ ରଖିବା ପାଇଁ ଅନୁରୋଧ କରି ପ୍ରସ୍ତାବମାନ ଦେଇଛନ୍ତି । କହିବା ବାହୁଲ୍ୟ, ନିରୀହ ଜନତାଙ୍କୁ ଅନ୍ୟର ଦୋଷ ନିମନ୍ତେ ଦଣ୍ଡ ଭୋଗିବାକୁ ପଡୁଛି ଏବଂ ସେମାନଙ୍କୁ ଏଥିରୁ ମୁକ୍ତ କରିବା ପାଇଁ ଉପରୋକ୍ତ ରାଷ୍ଟ୍ରମାନେ ପ୍ରସ୍ତାବ ଦେବାର ଯଥାର୍ଥତା ରହିଛି । ଗାଜାକୁ ଟ୍ୟାଙ୍କ୍ ଏବଂ ସେନା ପଠାଇବା ନିମନ୍ତେ ପ୍ରସ୍ତୁତ ହେବା ପୂର୍ବରୁ ଇସ୍ରାଏଲ ଏହି ପ୍ରସ୍ତାବକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବା ଉଚିତ । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଜରିଆରେ ପରାମର୍ଶ ଦେଇଛନ୍ତି ଏକ ଗଣତନ୍ତ୍ର ଭାବରେ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ, 'ଯାହା ଅଧିକ ସୁଦୃଢ଼ ଓ ଅଧିକ ସୁରକ୍ଷିତ ହୋଇଥାଏ, ଯେତେବେଳେ ଏହା ଆଇନାନୁସାରେ କାର୍ଯ୍ୟ କରିଥାଏ।' ନିଶ୍ଚିତ ଭାବରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଯାହା ଅବଶ୍ୟ ଶ୍ରବଣଯୋଗ୍ୟ ଏବଂ କରଣୀୟ । ଏହା ମଧ୍ୟ ଇଜିପ୍ଟକୁ ନିରୀହ ଲୋକମାନେ ପଳାୟନ କରିବାର ସ୍ଥଳପଥର ସଡ଼କଗୁଡ଼ିକୁ ଆକ୍ରମଣରୁ ବାଦ୍ ଦେଇନାହିଁ ଯାହା ହୁଏତ ସେମାନେ ରକ୍ଷା ପାଇବାର ଏକ କରିଡର ଭାବରେ କାମ କରିଥାନ୍ତା । ଯୁଦ୍ଧକୁ କୌଣସି ପରିସ୍ଥିତିରେ ବି ମଙ୍ଗଳକାରକ ବୋଲି କୁହାଯାଇ ପାରିବ ନାହିଁ ଏବଂ ଯୁଦ୍ଧ ହେଲେ ଅବଶ୍ୟ ଏହାର ପରିଣାମ ସାଧାରଣ ଜନତା ଭୋଗିବାକୁ ବାଧ୍ୟ ହୋଇଥାନ୍ତି। ଏକଥାକୁ ଆଦୌ ଅଣଦେଖା କରାଯାଇ ପାରିବ ନାହିଁ ଯେ ପାଲେଷ୍ଟିନୀୟମାନଙ୍କର ଏକ ଜନ୍ମଭୂମି ରହିବା ଉଚିତ, ଯଦିଓ ସେମାନଙ୍କ ଭିତରେ ରହିଥିବା ଆତଙ୍କବାଦୀମାନେ କୌଣସି ନିୟମ କାନୁନ୍‌କୁ ମାନନ୍ତି ନାହିଁ, ସେମାନଙ୍କ ପାଇଁ ଆଚରଣ ବିଧିର ଅର୍ଥ କିଛି ନାହିଁ, ଏମିତିକି ଜେନେଭା କନ୍‌ଭେନ୍‌ସନ୍‌ର ଶିଷ୍ଟାଚାରଗୁଡ଼ିକର ମଧ୍ୟ ନୁହେଁ। ୨୦୦୫ରେ ସେଠାରୁ ନିଜକୁ ପ୍ରତ୍ୟାହାର କରାଇ ଆଣିବା ପରେ ସାମ୍ପ୍ରତିକ ପରିସ୍ଥିତିରେ ଯଦି ବି ଇସ୍ରାଏଲ ଗାଜାକୁ ଅକ୍ତିଆର କରେ, ତା'ହେଲେ ଯଥା ଶୀଘ୍ର ଏହା ଏକ ସମାଧାନର ପନ୍ଥା ବାହାର କରାଯିବା ଉଚିତ ଯେପରିକି ଗାଜା ପାଲେଷ୍ଟିନୀୟମାନଙ୍କର ବାସଭୂମି ହୋଇ ରହିବ। ଭାରତ ସରକାର ଏହି କ୍ଷେତ୍ରରେ ହାମାସ୍‌ର ବର୍ବରତାର ନିନ୍ଦା କରିବା ସହିତ ସେମାନଙ୍କ ଆକ୍ରମଣର ଶିକାର ହୋଇଥିବା ଇସ୍ରାଏଲୀ ପୀଡ଼ିତମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ଏକ ଠିକ୍ କାର୍ଯ୍ୟ କରିଥାଇ ପାରନ୍ତି, ଯେହେତୁ ସେମାନେ ସେମାନଙ୍କର ପାଖାପାଖି ଦୁଇ ହଜାର ନିରୀହ ଲୋକଙ୍କୁ ହରାଇ ସାରିଲେଣି ଏବଂ ହାମାସ୍ ଦ୍ୱାରା ଗାଜାରେ ଦେଢ଼ ଶହରୁ ଅଧିକ ଲୋକଙ୍କୁ ପଣବନ୍ଦୀ କରାଯାଇଛି । ତା' ସତ୍ତ୍ୱେ ଯାହାକୁ ଏଡ଼ାଇ ଦେଇହେବ ନାହିଁ, ତାହା ହେଉଛି- ପାଲେଷ୍ଟିନୀୟମାନଙ୍କର ମାତୃଭୂମି ଭଳି ଏକ ବୃହତ୍ତର ପ୍ରସଙ୍ଗ, ଯାହା ଦୀର୍ଘ ୭୫ ବର୍ଷରୁ ଅଧିକ ସମୟ ହେବ ନିଆଁହୁଳା ଝୁଲି ରହିବା ଭଳି ରହିଛି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଯେତେ ବି ସୁଦୂର ପରାହତ ମନେହେଉ ନା କାହିଁକି, ଭାରତ ସେଥିପାଇଁ ମଧ୍ୟ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ବିଧେୟ । ଇସ୍ରାଏଲ କେବେହେଲେ ଏକାଧିକ ଦିଗରୁ ସମାନ ସମୟରେ ଯୁଦ୍ଧ କରି ପାରିବ ନାହିଁ, ଯେତେବେଳେ କି ଏହାର ପ୍ରଧାନମନ୍ତ୍ରୀ ନିଜ ଦେଶରେ ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ବିଚାରକୁ ଏଡ଼ାଇବା ପାଇଁ ବିଚାର ବିଭାଗକୁ ନିଜ ଅକ୍ତିଆରକୁ ନେଇ ଯାଇଛନ୍ତି। ଏହାଠାରୁ ବଳି ଆଉ ଏକ ବଡ଼ ପ୍ରଶ୍ନ ମଧ୍ୟ ରହିଛି ୱେଷ୍ଟ୍ ବ୍ୟାଙ୍କକୁ ଇସ୍ରାଏଲ ଅକ୍ତିଆର କରିବାକୁ ନେଇ ଏବଂ ବର୍ତ୍ତମାନ ଗାଜାକୁ ନିଜର ଅକ୍ତିଆରକୁ ନେବାର ସମ୍ଭାବନା ରହିଥିବା ବେଳେ। ନେତାନ୍ୟାହୁଙ୍କ ଇସ୍ରାଏଲ ଏହାର ପ୍ରତିକାର ପାଇଁ ରହିଥିବା ସୁସ୍ପଷ୍ଟ ଆବଶ୍ୟକତାଗୁଡ଼ିକଠାରୁ ଆଗକୁ ଚିନ୍ତା କରିବା ସଙ୍ଗେ ସଙ୍ଗେ ଏହି ଅଞ୍ଚଳରେ କିପରି ଚିରଦିନ ପାଇଁ ଶାନ୍ତି ପ୍ରତିଷ୍ଠା ହେବ, ତା'ର ଯୋଜନା କରି ପାରିବ କି ?

# ମହାଳୟା ଓ ଶ୍ରାଦ୍ଧ



### ଶରତ କୁମାର ସାହୁ

ଆଶ୍ୱିନ୍ ମାସର ଅମାବାସ୍ୟା ହେଉଛି ମହାଳୟା ଅମାବାସ୍ୟା । ଏହି ସମୟରେ ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରିଥାନ୍ତି । ମହାଳୟା ଅମାବାସ୍ୟାସେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାଳୟା ଶ୍ରାଦ୍ଧ କରାଯାଏ । ହିନ୍ଦୁ ସମାଜରେ ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଆଦର ଅଧିକ । ଆଶ୍ୱିନ ମାସର କୃଷ୍ଣ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କହନ୍ତି ପିତୃପକ୍ଷ । ଏହି ପିତୃପକ୍ଷରେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିନ୍ତୁ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଏ । ଦିବଂଗତ ଗୁରୁ, ସମ୍ପର୍କୀୟ, ପରିଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହି ତର୍ପଣ କରାଯାଏ । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ଏହି ପନ୍ଦର ଦିନ ପିତୃପର୍ବ ପାଇଁ ଉଦ୍ଦିଷ୍ଟ । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଅର୍ଚ୍ଚନା କରାଯାଏ ତାହା ହେଉଛି ଦେବ ପର୍ବ । ଶ୍ରାଦ୍ଧ ହିଁ ପିତୃପର୍ବ । ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ପ୍ରଦାନ କରାଯାଏ ତାହା ଶ୍ରାଦ୍ଧ । ଭୂଲୋକରେ ଆତ୍ମୀୟ ବା ସମ୍ପର୍କୀୟଙ୍କ ପ୍ରଦତ୍ତ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଯାଏ ବୋଲି ବିଶ୍ୱାସ ରହିଛି । ମହାଳୟା ଶ୍ରାଦ୍ଧରେ ସ୍ୱୟଂ ବିଷ୍ଣୁ ବୈଶ୍ୱଦେବ ରୂପେ ଶ୍ରାଦ୍ଧସ୍ଥଳରେ ଉପସ୍ଥିତ ରହନ୍ତି। ମହାଳୟା ଦିନ ଗୟାକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃଲୋକ ପରିତୃପ୍ତ ହୁଅନ୍ତି । ତେବେ ଭୁବନେଶ୍ୱର ଓ ବିରଜା କ୍ଷେତ୍ର ଯାଜପୁରରେ ମଧ୍ୟ ମହାଳୟା ଶ୍ରାଦ୍ଧ ଦାନ ପୁଣ୍ୟଦାୟକ ।

ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚ କୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମାଠାରୁ ଦୂରରେ ଏବଂ ଦେବତାଙ୍କଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା-ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ । ଦେବୀ ଆରାଧନା ଦୃଷ୍ଟିରୁ ମହାଳୟା ଏକ ପବିତ୍ର ଦିବସ । ଦେବୀଙ୍କର ଷୋଳପୂଜାର ମଧ୍ୟ ଭାଗରେ ମହାଳୟା ପଡୁଥିବାରୁ ଏହା ଦେବୀଙ୍କର ପ୍ରିୟତମ ଦିବସ । ତେଣୁ ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଉତ୍କୃଷ୍ଟ ଏବଂ ରାତ୍ରିଟି ସାଧନାରେ ସିଦ୍ଧି ଲାଭ ପାଇଁ ଅତ୍ୟନ୍ତ ଶୁଭ । ଦେବୀଙ୍କର ପ୍ରଥମ ଅଷ୍ଟକଳାର ଶେଷ ଦିନ ହୋଇଥିବାରୁ ସାଧକମାନେ ବିଶେଷ ସିଦ୍ଧିଲାଭ ପାଇଁ ମହାଳୟାର ମହାନିଶାରେ ସାଧନାରତ ରହନ୍ତି । ଓଡ଼ିଆ ଆଧାତ୍ମିକମ ଚେତନା ଓ ହିନ୍ଦୁ ବିଧାନ ଅନୁଯାୟୀ ମହାଳୟା ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ।


ଉପକରଣ ହାଉସ,
ଚଣ୍ଡୀଖୋଲ, ଯାଜପୁର,
ମୋ: ୯୪୩୭୦୫୧୫୪୩


# ଗୁରୁ - ନିର୍ବାଚନ



### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ। ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାରଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୃତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ। ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ୍ୟ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ୍ୟ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ଶରତ କବିତା

### ରାହାସ କୁମାର ବେହେରା



ଶରତ ଆକାଶେ ସ୍ୱପ୍ନର ଲହଡି
ପବନ ଗାଉଛି ଗୀତ,
ସ୍ୱଚ୍ଛ ନିରିମଳ ଗଙ୍ଗାଜଳ ପରି
ମନ ମୋ ଖୋଜୁଛି ମିତ ।

ମିତ ସଙ୍ଗାତୁଣୀ କାଶତଣ୍ଡୀ ଫୁଲ
ଝୁଲୁଛି ନାଚୁଛି କେତେ
ସାପୁଆ କୂଳରେ ସ୍ମୃତି ସାଉଁଟୁଛି
ଭଲପାଇ ନାନା ମତେ ।

ମତେ କହୁଥିଲା ରୁପାର ଚାନ୍ଦନୀ
ରୂପରେ ମୁଁ ଅସୁମାରୀ
ପ୍ରତିଛବି ମୋର ଝଲସି ଯାଉଛି
ପ୍ରୀତି ନଦୀ ହୁଅ ପାରି ।

ପାରି ହୁଏ ଯେବେ ବୟସ ପାହାଚ
ଅଳସ ରାତିର ଶେଷେ
ମହମହ ବାସେ ଶେଫାଳି ପାଖୁଡା
ଚିତ୍ତ ମତ୍ତ ଖାଲି ରସେ ।

ରସଇ ଆଶିନ ଫୁଲରେ ଗେଲରେ
କଇଁ ଚାହେଁ ଚାନ୍ଦ ପାଇଁ
ପଦୁଅଁ ବନରେ ସୁରୁଜ ନଜର
ଦେଖି ଆତ୍ମା ଧଇଁ ସଇଁ ।

ଧଇଁ ସଇଁ ସଂଜେ ପାର୍ବଣ ମହକ
ବାଜିଲାଣି ତୂରୀ ଭେରୀ
ଆ' ସୁନାମୁହିଁ ନେଇ ଯିବି ସାଥେ
ଦେଖେଇବି ହାତ ଧରି ।


ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ : ୯୪୩୮୧୧୪୩୬୮


## ନାରୀ ଧର୍ମ ପାଳିବି

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଦୁହିତା ସାଜି ମୁଁ ସାଧିବି/ଦୁଇ କୁଳର ହିତ
ଆପଣା ପଣରେ ମଣିବି/ସର୍ବଜନଙ୍କୁ ମିତ,
ଅକୁଣ୍ଠ ଭାବରେ ଗଢ଼ିବି/ମର୍ତ୍ତ୍ୟେ ବୈକୁଣ୍ଠ ଘର
ଯହିଁ ଭରପୂର ଥିବତ/ସୁଖ ଶାନ୍ତି ପ୍ରଚୁର,

ବାପା ବୋଉ ଶାଶୁ ଶଶୁର/ଦେବା ଦେବୀଙ୍କ ପରି
ସୌଭାଗ୍ୟବତୀ ମୁଁ ହୋଇବି/ସେବା କରି ତାଙ୍କରି,
ଦିଅର ନଣନ୍ଦ ଯେତେକ/ ଭାଇ ଭଉଣୀ ମୋର
ମନ ଜାଣି ତାଙ୍କୁ କରିବି/ସ୍ନେହ ଶ୍ରଦ୍ଧା ଆଦର,

କାହାରି ମନରେ କଦାପି/ଦେବି ନାହିଁ କଷଣ
ହୋଇବ ମୋ ଘରେ ସର୍ବଦା/ହସ ଖୁସି ବର୍ଷଣ,
ବିପଦ ଆପଦ ଆସିଲେ/ସବା ଆଗେ ମୁଁ ଥିବି
ଜୀବନକୁ ବାଜି ଲଗାଇ/ସର୍ବେ ସୁରକ୍ଷା ଦେବି,

କାହା ଦୋଷ ତ୍ରୁଟି ଧରିକି/ଦୁଷ୍ଟ ହୋଇବି ନାହିଁ
ସମ ଭବାପନ୍ନ ହୋଇବି/ମୁହିଁ ସଭିଙ୍କ ପାଇଁ,
ପଡ଼ିଶାଙ୍କ ସାଥେ ରଖିବି/ସଦଭାବ ମୁଁ ସଦା
କରିବି ସଭିଙ୍କୁ ପ୍ରଶଂସା/କା'ରେ ନକରି ନିନ୍ଦା,

ସଭିଙ୍କ ଆଗରୁ ଉଠି ମୁଁ/ ନିତ୍ୟକର୍ମ ସାରିବି
ସଭିଏଁ ଶୋଇବା ପରେ ମୁଁ/ରାତେ ବିଶ୍ରାମ ନେବି,
ସବୁ ଓଷା ବ୍ରତ କରିବି/ପାଳି କୁଳ ଧରମ
କରିବି ନାହିଁ ମୁଁ ଜୀବନେ/ କେବେ ମନ୍ଦ କରମ,

ଅତିଥି ସେବାରେ ହେଳା ମୁଁ /କେବେ କରିବି ନାହିଁ
ପତିଙ୍କ ଫେରିବା ବାଟକୁ/ନିତି ରହିବି ଚାହିଁ,
ସତ୍ୟ ଧର୍ମ ନ୍ୟାୟ ପଥରୁ/ହେବି ନାହିଁ ବାହାର
ଜୀବନରେ କେବେ କରିବି/ନାହିଁ କ୍ଷତି କାହାର,

ଇଷ୍ଟଙ୍କୁ ସୁମରି କରିବି/ସବୁ ଅନିଷ୍ଟ ନଷ୍ଟ
ନସହିବି ଭ୍ରଷ୍ଟାଚାରକୁ/ପଛେ ପାଇବି କଷ୍ଟ,

ମୋ ବାପଘରର ସଂସ୍କାର/ସବୁ ମାନି ଚଳିବି
ଶାଶୁଘରେ ବଧୂ ରୂପରେ/ନାରୀ ଧର୍ମ ପାଳିବି।


କଣ୍ଟାବଣିଆ, ଛତ୍ରପଡ଼ା,ପ୍ରୀତିପୁର, ଯାଜପୁର
ମୋ -୮୫୯୪୮୮୫୮୯୮/୯୪୩୭୮୫୪୧୭୫


## ଦିବ୍ୟ ପଥର ଯାତ୍ରୀ

### କବି ଦୀନବଂଧୁ ବେଜ

ଶରୀର ଅନାବରଣ ଛେଲି ଛଡ଼ା
କାଠଗଣ୍ଡି ପରି
ଗୁଣ୍ଡୁଚି ମୂଷାର ବେଖିଆଲି ଧାଁ ଧପଡ଼
ଗୁଣୁଗୁଣୁ ମଶା, ମାଛି ଓ ଡ଼ାଆଁଶ
ଲୋଲୁପ ଆଖି ପକାନ୍ତି କାମାନ୍ଧ
ପଙ୍ଗପାଳ ଦଳ,
ଆହା କି ଦାରୁଣ... ଶରୀର
ଅନାବରଣ ।

ଲଟାବୁଦା କଣ୍ଟା ଝଣ୍ଟାରେ ଅଟକି
ଲାଗି ଯାଉଛି କାନ୍ଦରେ ଓହଳି ଥିବା
କାନି
ଡ଼ାଳପତ୍ର ଭାବି ଝୁଣି ଖାଇବାକୁ
ପ୍ରୟାସ କରି ଚାଲିଛନ୍ତି
ସର୍ବଗିଳା ଦି ଗୋଡ଼ିଆ ଛେଳି
ଯୁଗ ଯୁଗ ଧରି ରହିଛି ପିଣ୍ଡ
ମଖମଲ ଜରି ଲଗା ନାରୀ ପିଣ୍ଡ ...
ସମୟ ସ୍ରୋତରେ କ୍ରିଡ଼ନକ ସାଜିଥାଏ
କାମନାକୁ ଚାପିରଖି ଥିବା
ଭଦ୍ରମୁଖା ପିନ୍ଧା କିଛି ପୁରୁଷ
ପାଖରେ।

ପତର ଓ ପଥର ମଧ୍ୟରେ ସାମଞ୍ଜସ୍ୟ
ବାତ୍ସଲ୍ୟତା ଭିତରେ ହ୍ରେସା ରାବ
ଉଚ୍ଚ ତାପରେ କ୍ଷୀର ଉତୁରି ଚୁଲିକି
ଯିବା ପରି
ରାସ୍ତା ଜଦି ଶୁନ୍ୟ ଥାଏ
ଦିନ ଦ୍ୱିପହରରେ ପୁରୁଷ ବି
ମାରିପାରେ
ବାଘର ହେଣ୍ଟାଳ ......।

ନାରୀଟେ ବୁଲିଲେ ଅନାବରଣରେ
ରାସ୍ତା ହୁଏ ତୀର୍ଥ କ୍ଷେତ୍ର
ଟୋକା ଠାରୁ ବୁଢ଼ାଯାଏ
ଆଖିରେ ଆଖିରେ ପୁରେଇଥାନ୍ତି
ପେଟ

ଭୋକ ବି ପଣବନ୍ଦୀ ଇନ୍ଦ୍ରିୟ ବି
ପଣବନ୍ଦୀ ...
ମନ ଓ ପ୍ରକୃତି ଏବେ ସ୍ୱୟଂକ୍ରିୟ
କାହା ଇଛାରେ କିଏ ଏହି ଦେବୀ ?
ଆଜି ହୋଇଅଛି ଦିବ୍ୟ ପଥଯାତ୍ରୀ ।


ମାଲକାନଗିରି, ଓଡ଼ିଶା
ମୋ: -୭୬୮୩୯୨୦୨୨୧

# ଜଣେ ଦିବ୍ୟାଙ୍ଗ ରାଜାଙ୍କ ଚିତ୍ର




ସୁଧାଂଶୁ ଶେଖର ଦ୍ୱିବେଦୀ


ଜଣେ ଦିବ୍ୟାଙ୍ଗ ରାଜା ଥାଆନ୍ତି। ତାଙ୍କ ରାଜ୍ୟର ପ୍ରଜାମାନେ ସଦା ଖୁସିରେ ଦିନ ଅତିବାହିତ କରୁଥିଲେ। ସେମାନଙ୍କର ନା କିଛି ସମସ୍ୟା ଥିଲା ନା କାହା ବିରୁଦ୍ଧରେ ଅଭିଯୋଗ। ଜୀବନରେ ଜଣେ ଭଲ ରାଜାଙ୍କୁ ପାଇଥିବାରୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି।

କିନ୍ତୁ ରାଜାଙ୍କର ଗୋଟେ ଆଖି ଏବଂ ଗୋଟେ ଗୋଡ଼ ନଥାଏ। ସେପାଇଁ ତାଙ୍କ ମନରେ କିଛି ଦୁଃଖ ନଥାଏ।

ଦିନେ ରାଜା ରାଜ ମହଲ ବାରଣ୍ଡାରେ ଚଲାବୁଲା କରୁଥିବା ବେଳେ କାନ୍ଥରେ ଟଙ୍ଗା ହୋଇଥିବା ପୂର୍ବଜଙ୍କ ଚିତ୍ରପଟ ଦେଖି ମନେ ମନେ ଭବିଲେ-ମୋ ପିତା ଜଣେ ଏତେବଡ଼ ଯୋଦ୍ଧା ଥିଲେ, ଜେଜେ ମଧ୍ୟ ଜଣେ ପରାକ୍ରମୀ ରାଜା ଥିଲେ। ଅଥଚ ମୁଁ ଏଭଳି ବଂଶରେ ଜନ୍ମି ଥିବା ଜଣେ ଦିବ୍ୟାଙ୍ଗ। ରାଜା ସମସ୍ତ ଚିତ୍ରପଟକୁ ଦେଖୁ ଦେଖୁ ଶେଷ ଚିତ୍ରପଟ ନିକଟରେ ପହଞ୍ଚି ରିକ୍ତ ସ୍ଥାନକୁ ଦେଖି ଗମ୍ଭୀର ହୋଇ ପଡିଲେ। ଏବେ ସେଠି ଯେଉଁ ଚିତ୍ର ଲାଗିବ ତାହା ତାଙ୍କ ଚିତ୍ରପଟ ହେବ। ସମସ୍ତେ ଦିନେ ମୃତ୍ୟୁ ବରଣ କରିବେ। ରାଜାଙ୍କର ମଧ ମୃତ୍ୟୁ ହେବ। ସେପାଇଁ ସେ ଭାବୁ ନଥିଲେ ମାତ୍ର ରିକ୍ତ ସ୍ଥାନରେ ଯେଉଁ ଚିତ୍ରପଟ ଲାଗିବ ତାହା ଜଣେ ଦିବ୍ୟାଙ୍ଗ ରାଜାର ଚିତ୍ରପଟ ହେବ। ଏହା ଥିଲା ତାଙ୍କ ଚିନ୍ତାର କାରଣ।।ବାରଣ୍ଡା କାନ୍ଥରେ ଯେତେଗୁଡିଏ ଚିତ୍ରପଟ ଲାଗିଛି ସମସ୍ତେ ଜଣେ ଜଣେ ପ୍ରଭାବଶାଳୀ ରାଜା। ହେଲେ ନିଜର ଗୋଟେ ଆଖି ଏବଂ ଗୋଟେ ଗୋଡ଼ ନଥିବା ହେତୁ ସବୁଠୁ ଖରାପ ଚିତ୍ରପଟ ରିକ୍ତ ସ୍ଥାନରେ ଟଙ୍ଗାହେବ। ଯଦି ମୋ ମୃତ୍ୟୁ ପୂର୍ବରୁ ଏମାନଙ୍କ ଭଳି ପ୍ରଭାବଶାଳୀ ଚିତ୍ରପଟ ନିର୍ମାଣ ହୋଇଯାଏ ତାହେଲେ ଏହି ରିକ୍ତ ସ୍ଥାନରେ ଶୋଭା ପାଇବ।

ମନର କଥା ମନରେ ରଖି ରାଜା ତା' ପରଦିନ ରାଜ୍ୟ ଏବଂ ରାଜ୍ୟ ବାହାରେ ସର୍ବଜନିକ ରୂପେ ଘୋଷଣା କରେଇ ଚିତ୍ରକରଙ୍କୁ ଆମନ୍ତ୍ରଣ କଲେ। ଯେଉଁ ଚିତ୍ରକର ରାଜାଙ୍କର ପ୍ରଭାବଶାଳୀ ଚିତ୍ର ନିର୍ମାଣ କରିଦେବ ତାକୁ ବହୁ ଧନ ରତ୍ନ ପୁରଷ୍କାର ସହିତ ସାରା ଜୀବନ ବିତାଇବାକୁ ଭୂମି ଦାନ କରାହେବ ବୋଲି ଜଣେଇ ଦିଆଗଲା।

ରାଜାଙ୍କ ଘୋଷଣା ଶୁଣି ଅନେକ ଚିତ୍ରକର ରାଜ ମହଲରେ ଉପ ସ୍ଥିତ ହେଲେ। ସେମାନଙ୍କ ମଧ୍ୟରୁ କେତେକ ଭାବିଲେ ରାଜାଙ୍କର ଗୋଟେ ଗୋଡ଼ ଏବଂ ଗୋଟେ ଆଖି ନାହିଁ,ଏପରିସ୍ଥଳେ ପ୍ରଭାବ ଶାଳୀ ଚିତ୍ର ନିର୍ମାଣ କରିବା ଅସମ୍ଭବ।ବଡ଼ ବଡ଼ ଚିତ୍ରକର ସେଭଳି ଚିତ୍ର କରି ପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ଯୁବ ଚିତ୍ରକର କହିଲେ-ମହାରାଜ ! ମୁଁ ଆପଣଙ୍କର ପ୍ରଭାବଶାଳୀ ଚିତ୍ରପଟ ନିର୍ମାଣ



କରିଦେବି। ହେଲେ ମୋତେ ୨୪ ଘଣ୍ଟା ସମୟ ଆବଶ୍ୟକ। ଯୁବ ଚିତ୍ରକରର ନିର୍ଣ୍ଣୟ ଶୁଣି ଅନ୍ୟମାନେ ବିସ୍ମୟ ହେଲେ। ଯଦି ସେ ସଠିକ ଚିତ୍ର ନିର୍ମାଣ କରି ପାରିବ ନାହିଁ ରାଜାଙ୍କ ଦ୍ୱାରା ଦଣ୍ଡିତ ହେବ। କିନ୍ତୁ ଯୁବକ ଦୃଢ଼ ନିଶ୍ଚିତ ଯେମିତି ହେଉ ରାଜାଙ୍କର ପ୍ରଭାବଶାଳୀ ଚିତ୍ରପଟ ନିର୍ମାଣ କରିବ।

ରାଜା ମଧ ଯୁବ ଚିତ୍ରକରକୁ ନିଜର ପ୍ରଭାବଶାଳୀ ଚିତ୍ରପଟ ନିର୍ମାଣ କରିବାକୁ ଅନୁମତି ଦେଲେ।

ତା' ପରଦିନ ଯୁବ ଚିତ୍ରକର ରାଜାଙ୍କ ଚିତ୍ରପଟ ନିର୍ମାଣ କରି ରାଜ ଦରବାରକୁ ଆଣିବାର ଥାଏ। ରାଜ ମହଲରେ ଲୋକମାନଙ୍କର ଗହଳ ଚହଳ ଲାଗିଥାଏ। ଯୁବ ଚିତ୍ରକର ଜଣେ ଦିବ୍ୟାଙ୍ଗ ରାଜାଙ୍କର କେଉଁଭଳି ଚିତ୍ର ନିର୍ମାଣ କରିଥିବ ସମସ୍ତେ ତାହା ଦେଖିବାକୁ ଉତ୍କଣ୍ଠାରେ ଅପେକ୍ଷା କରିଥାନ୍ତି। କିଛି ସମୟ ମଧ୍ୟରେ ଯୁବ ଚିତ୍ରକର ରାଜାଙ୍କ ଚିତ୍ରପଟକୁ ଉନ୍ମୋଚନ କରିଲେ। ଚିତ୍ରପଟରେ ଥିବା ଚିତ୍ରକୁ ଦେଖି ସମସ୍ତ ଜନତା ଆଶ୍ଚର୍ଯ୍ୟ ଚକିତ ହୋଇ ତାଳି ମାରିବାକୁ ଲାଗିଲେ। ସ୍ୱୟଂ ରାଜା ମଧ ନିଜର ଚିତ୍ରପଟକୁ ଦେଖି ହତବାକ ହୋଇଗଲେ। ସଙ୍ଗେ ସଙ୍ଗେ ଯୁବ ଚିତ୍ରକରଙ୍କୁ ନିକଟକୁ ଡାକି କହିଲେ-ବାସ୍ତବିକ ତୁମେ ମୋ ପୂର୍ବଜଙ୍କ ନିକଟରେ ଥିବା ରିକ୍ତ ସ୍ଥାନକୁ ପୂରଣ କରିପାରିଛ। ତାପରେ ରାଜା ନିଜର ଘୋଷଣା ଅନୁସାରେ ଚିତ୍ରକରଙ୍କୁ ଅନେକ ଧନ ରତ୍ନ ଦେବା ସହିତ ରହିବା ନିମନ୍ତେ ଭୂମି ଦାନ କଲେ।

ପିଲାଏ, ଜଣେ ଦିବ୍ୟାଙ୍ଗ ରାଜାଙ୍କର ଚିତ୍ରପଟ କେମିତି ହୋଇଥିବ ତୁମେମାନେ କେବେ କଳ୍ପନା କରିଛ ?

ଚିତ୍ରପଟରେ ଥିବା ଚିତ୍ରଟିରେ ରାଜାଙ୍କର ଯେଉଁ ଗୋଡ଼ଟି ଥିଲା ଠିକ ସେହି ପଟରେ ତୀର ଚାଳନା କରିବା ଅବସ୍ଥାରେ ଘୋଡା ପିଠିରେ ବସି ଲକ୍ଷ୍ୟ ଭେଦ କରୁଥାନ୍ତି। ଲକ୍ଷ୍ୟ ଭେଦ ସମୟରେ ଗୋଟେ ଆଖି ବନ୍ଦ ରଖିବାକୁ ହୁଏ।ରାଜାଙ୍କର ଯେଉଁ ପଟରେ ଆଖି ନଥାଏ ସେଇ ପଟକୁ ତୀର ଟାଣି ଧରି ଲକ୍ଷ୍ୟ ସାଧୁଥାନ୍ତି। ଚିତ୍ରକର ଜଣେ ଦିବ୍ୟାଙ୍ଗ ରାଜାଙ୍କର ଏଭଳି ଚିତ୍ର ଆଙ୍କିଦେଲେ ଯାହା ଅନ୍ୟ ଚିତ୍ର ଅପେକ୍ଷା ସର୍ବଶ୍ରେଷ୍ଠ ଚିତ୍ର ରୂପେ ସ୍ଥାନ ପାଇଲା।


ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨


# ମାଙ୍କଡ ଗଳାରେ ମୋତି ମାଳ




ପ୍ରଦ୍ୟୁମ୍ନ ପଟ୍ଟନାୟକ




ଗହୀର ମଥା ଜଙ୍ଗଲରେ ରହୁଥାଏ ମାଙ୍କଡଟିଏ । ନାଆଁ ତାର ମିକୁ । ଗଳାରେ ପିନ୍ଧିଥାଏ ଗୋଟିଏ ମୋତି ମାଳ । ଅନ୍ୟ ମାଙ୍କଡ ମାନେ ତାକୁ ଦେଖି ଯେତିକି ଆଶ୍ଚର୍ଯ୍ୟ ହେଉଥିଲେ ସେତିକି ଈର୍ଷା ବି କରୁଥିଲେ । ଏକଥା ଅନ୍ୟ ମାଙ୍କଡମାନେ ଯାଇ ନିକଟରେ ଥିବା ଜନବସତିରେ ଜଣାଇଲେ । କିଛିଲୋକ ଜଙ୍ଗଲକୁ ଆସି ମୋତି ମାଳ ପିନ୍ଧିଥିବା ମିକୁକୁ ଧରିନେଲେ । କୁହାକୁହି ହେଉଥିଲେ ଏ ମାଙ୍କଡ ଗୋଟିଏ ଚୋର । ବୋଧେ କେଉଁ ରାଜା କି ସାଧବ ଘର ଝିଅ ବୋହୂ ମାଳ ରଖିଦେଇ ଗାଧୋଉଥିବା ବେଳେ ଇୟେ ଚୋରାଇ ଆଣିଛି । ନହେଲେ ବଣରେ ବୁଲୁଥିବା ମାଙ୍କଡ ମୋତି ମାଳ ଆଣିବ କେଉଁଠୁ ?

କଥା କାନରୁ କାନ ବ୍ୟାପିବାରୁ ରାଜାଙ୍କ କଟୁଆଳ ଆସି ମିକୁକୁ ଧରି ନେଇଗଲା । ତା ବେକରୁ ମୋତି ମାଳ କାଢ଼ି ନେଇ ତାକୁ ରାଜ ଦରବାରରେ ପେସ କରାଗଲା । ରାଜା ପଚାରିବାରୁ ମିକୁ ମାଙ୍କଡ କହିଲା, ମୁଁ ନିର୍ଦ୍ଦୋଷ। ଏ ମୋତି ମାଳ ମୁଁ କେଉଁଠୁ ଚୋରି କରିନାହିଁ । ଏ ମୋତି ମୋ କଇଁଛ ନାନୀ ମୋତେ ଦେଇଛି।

ରାଜା ତା କଥା ବିଶ୍ୱାସ ନକରି ରାଗି ଯାଇ କହିଲେ, ସତ କହ ଏ ମୋତି ମାଳ କେଉଁଠୁ ଚୋରି କରିଛୁ ? ନହେଲେ ତୋତେ କଠିନ ଦଣ୍ଡ ଦିଆଯିବ । ତଥାପି ମିକୁ କହୁଥାଏ, ମହାରାଜ ମୋତେ ବିଶ୍ୱାସ କରନ୍ତୁ ମୁଁ ଚୋରି କରିନାହିଁ । ଦିନେ ଗଛ ଉପରୁ ଓହ୍ଲାଇ ଆସି ସମୁଦ୍ର କୂଳରେ ବସି ଖରା ସେକୁଥାଏ । ପାଣି ଭିତରୁ ମା କଇଁଛଟିଏ ଆସିଗଲା । କିଛି ଦୂରରେ ବାଲି ଖୋଳି ଗାତଟିଏ କଲା । ସେଥିରେ ବସି ଅଣ୍ଡା ଦେଲା । ଅଣ୍ଡା ଦେବାପରେ ସେଗୁଡିକୁ ପୁଣି ବାଲି ଘୋଡ଼େଇ ଦେଇ ସମୁଦ୍ର ଭିତରକୁ ଫେରି ଯାଉଥିଲା । ମୋତେ ଦେଖି କହିଲା ମାଙ୍କଡ ଭାଇ ମୋ ଅଣ୍ଡା ଗୁଡ଼ିକୁ ଜଗିଥିବ ସେଥିରୁ ଛୋଟ ଛୋଟ ଛୁଆ ଫୁଟି ପାଣିକୁ ଚାଲି ଯିବାଯାଏଁ। ନହେଲେ ଶାଗୁଣା, ବିଲୁଆ, କୁକୁର ଖାଇଯିବେ ପରା।

ହଉ ଭଉଣୀ ମୁଁ ତୁମ ଅଣ୍ଡା ଗୁଡ଼ିକୁ ଜଗି ବସିବି ଯେ ହେଲେ ମୋତେ ସେଥିରୁ କଣ ମିଳିବ ? କଇଁଛ କହିଲା, ମୁଁ ଆରସନ ଆସିଲା ବେଳକୁ ତୁମ ପାଇଁ ମୋତି ଆଣିଦେବି । ତୁମେ ମାଳ କରି ପିନ୍ଧିବ । ସତକୁ ସତ ଆର ଥର ଅଣ୍ଡା ଦେବାକୁ ଆସିବା ବେଳେ କଇଁଛ ନାନୀ ମୋତି ନେଇ ଆସିଥିଲା । ଥରକୁ ଥର ମୋ ନାନୀ ଦେଉ ଥିବା ମୋତିରେ ଏ ମାଳ କରି ମୁଁ ପିନ୍ଧୁଚି । ଏଥର ଆସିବା ବେଳେ ସୁଦ୍ଧା ସିଏ ମୋ ପାଇଁ ମୋତି ନେଇ ଆସିବ କହିଥିଲା।

ରାଜାଙ୍କର ତଥାପି ବିଶ୍ୱାସ ହେଉ ନଥାଏ । ପୁଣି ମିକୁ କହିଲା, ମହାରାଜ ଏବେ ପରା କଇଁଛମାନଙ୍କର ଅଣ୍ଡା ଦେବା ସମୟ । ମୋ ନାନୀ ବି ଆସୁଥିବ । ମୋ ପାଇଁ ମୋତି ଆଣିଥିବ ଆସୁନାହାନ୍ତି ଦେଖିବେ ନିଜ ଆଖିରେ ।

ମିକୁ ମାଙ୍କଡ କଥାର ସତ୍ୟା ସତ୍ୟ ପରୀକ୍ଷା କରିବା ପାଇଁ ରାଜା କଟୁଆଳକୁ ପଠାଇଲେ । ମିକୁ ରାଜ ଦରବାରରୁ ସମୁଦ୍ର କୂଳକୁ ଫେରିବା ବେଳକୁ କିଛି ଦିନ ବିତି ଯାଇଥାଏ। କଇଁଛ ମାନେ ଅଣ୍ଡା ଦେଇ ଫେରି ଯାଇଥିଲେ। ମିକୁ ତାଫ କଇଁଛ ନାନୀର ଅଣ୍ଡାଦେବା ସ୍ଥାନକୁ ଯାଇ ଦେଖିଲା ଅଣ୍ଡା ଉପରେ ବାଲି ଘୋଡା ଯାଇଛି । ଆଉ ତା ଉପରେ ଥୁଆ ହୋଇଥାଏ ଗୋଟିଏ ମୋତି । ମିକୁ କହିଲା, ଏଥର ମୋତେ ନପାଇ ମୋ କଇଁଛ ନାନୀ ଏଇଠି ଅଣ୍ଡା ଦେଇ ଫେରି ଯାଇଛି । ହେଇ ଦେଖୁନ ମୋ ପାଇଁ ମୋତି ଆଣି ରଖି ଯାଇଛି ।

କଟୁଆଳକୁ ପ୍ରମାଣ ମିଳିଗଲା ମିକୁ ମାଙ୍କଡ଼ ସତ କହୁଛି । ରାଜାଙ୍କୁ ସେକଥା ଜଣାଇବାରୁ ମିକୁ ତା ମୋତି ମାଳ ଫେରି ପାଇଲା। ସେ ସେଇଠି ଜଗି ରହିଲା ତା କଇଁଛ ନାନୀର ଅଣ୍ଡା ଗୁଡ଼ିକ ଫୁଟି ସେଥିରୁ ଛୁଆ ବାହାରି ପାଣିକୁ ଚାଲି ଯିବାଯାଏ।


+ପ୍ରକାଶ ଦୀପ ଟାୱାର, ଜୟଦୂର୍ଗା ନଗର, ଭୁବନେଶ୍ୱର


# ମାଆଙ୍କୁ ପୂଜିବା ଦୁଃଖ ଜଣାଇବା


ପ୍ରଶାନ୍ତ କୁମାର ଦାଶ


କବିତା
ତୁମ ପାଇଁ



ସବୁ ସଜବାଜ ହେଲାଣି ଆସିବେ
ଧରା ସରଗକୁ ମାଆ
ହସି ଉଠିଲାଣି ଫୁଲ ଫଳ ଗଛ
ପ୍ରକୃତିରେ ଭରା ଗାଆଁ ।

ମେଢ଼ ମଣ୍ଡପ ଯେ ସଜ ହୋଇଲାଣି
ଗାଆଁ ସହର ଓ ପଲ୍ଲୀରେ
ମାଆଙ୍କ ଆସିବା ବାରତା ପାଇକି
ଦୁଃଖସବୁ ହୁଏ ଭୁଲିରେ ।

ଶରତ କରିଛି ଧରାକୁ ସରସ
ଶେଫାଳିର ବାସ ଛୁଟେଇ
ପାହାନ୍ତି ପହରୁ ମାଆତ ଦିଅନ୍ତି
କୁନି ପୁଅଟାକୁ ଉଠେଇ ।

ସକାଳ ସୂରୁଜ ଉଇଁ ବୁଣିଦିଏ
ଚିକ ମିକ ଖରା ମାଟିରେ
କ୍ଷେତେପଶି ଚାଷୀ ଶାରଦ ଧାନକୁ
ଖୁସିରେ ଆଣଇ କାଟିରେ ।

ବରଷକେ ଥରେ ଅଶିଣ ଆସିଛି
ପୂଜା ପାରବଣ ଧରିକି
ମାଆ ପୂଜାପାଇ ଫେରିଯିବେ ଶେଷେ
ସୁଖ ଶାନ୍ତି ମନେ ଭରିକି ।

କନିଅର କଇଁ କମଳ ମନ୍ଦାର
ଫୁଲରେ ଗୁନ୍ଥିବା ହାରରେ
ମାଆଙ୍କ ଗଳାରେ ଝୁଲାଇବା ଯାଇ
ଡାକି ଆଖି ଲୁହଧାରରେ ।

ପୂଜାମଣ୍ଡପକୁ ଯାଇ ଜଣାଇବା
ଦୁନିଆର ଦୁଃଖ କଷଣ
ମାଆଙ୍କ ଆଶିଶେ ହଟିଯିବ ସବୁ
ଅସୁରଙ୍କ କୂଟ କଷଣ ।


+କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


# ରଖିବା ସଫା ଘର ବାହାର


ଶରତ କୁମାର ଦାସ


ଆସରେ କୁନା, ବାପିନା ସୁନା
ଦୀପୁ, ବାବୁଲା, ଦାମ,
ଶପଥ ନେବା ସଭିଏଁ ମିଳି
କରିବା ହିତକାମ ।

କରିବା ସଫା ଅଳିଆ ଯେତେ
ହୋଇଛି ଯେଣେ ଠୁଳ,
ରଖିବା ସଫା ଘର ବାହାର
ନଈ, ପୋଖରୀ କୂଳ ।

ଇସ୍କୁଲ ହତା, ମନ୍ଦିର ବେଢା
ପଡିଆ, ବାଟ-ଘାଟ,
ସଫା ରଖିବା ଡାକ୍ତରଖାନା
ଅବା ବଜାର, ହାଟ ।

ଫୋପାଡିବାନି ଅଳିଆ ଜମା
ବାହାରେ ଆମେ କେବେ,
ପୋତି ବା ପୋଡି ଦେଲେଟି ଜାଣ,
ରହିବା ଭଲ ତେବେ ।

ବସେଇ ଦେବା ପାଇଖାନାଟି
ଶଉଚ ହେବା ପାଇଁ,
ମନ ହରଷେ ଖୋଲା ଜାଗାକୁ
କହିବା ନାଇଁ ନାଇଁ ।

ପିନ୍ଧିବା ନାହିଁ ମଇଳା ଲୁଗା
କାଟିବା ନଖ ବାଗେ,
ନିଜ ଦେହକୁ ଯତନେ ଆମେ
ରଖିବା ସଫା ଆଗେ ।

ଦେହ ଆମର ରହିଲେ ଭଲ
ରହିବ ମନ ଭଲ,
ରୋଗବେମାରୀ ଛୁଇଁବନାହିଁ
ହେବାନି କଲବଲ ।

ସବୁରି କାନେ କହିବା ଯାଇ
ସ୍ୱଚ୍ଛତା ପରା ସେବା,
ନକରି ହେଳା ଏଇ ମହତ
ସେବାରେ ମନ ଦେବା' ।

ଗାଆଁଠୁ ପୁଣି ସହର ଯାଏ
ଚାଲିଛି ଅଭିଯାନ,
ସଫାସୁତୁରା ରହିଲେ ଦେଶ
ବଢିବ ଆମ ମାନ ।

ଆସରେ ପିଲେ ଏକାଠି ହେବା
ଗାଇ ସ୍ୱଚ୍ଛତା ଗୀତ,
ଗଢିବା ନୂଆ ରାଇଜ ହୋଇ
ପରିବେଶର ମିତ ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




# ବୁଦ୍ଧିମାନ ଯସ୍




ନଗେନ୍ଦ୍ର ନାଥ ପଟ୍ଟନାୟକ




ଫି ବରଷକାଣୀ ମହୁଲୀ ଗାଁରେ ମେଳା ଲାଗିଥାଏ । ସେଥିପାଇଁ ବିଦ୍ୟାଳୟର ପିଲାଏ ମାସକ ଆଗରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦିଅନ୍ତି । ଯସ୍ ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ର । ସେ ମଧ ନିଜ ସହପାଠୀ - ସହପାଠିନୀଙ୍କର ପ୍ରସ୍ତୁତି କାର୍ଯ୍ୟକୁ ନିରେଖି ଦେଖୁଥାଏ । ଯସ୍‌ର ମାମା ସମ୍ବଲପୁରରୁ ଭୁବନେଶ୍ୱର ଆସିଥାନ୍ତି । କିନ୍ତୁ ଯସ୍ ତାର ଥୋକେ ସାଙ୍ଗସାଥୀଙ୍କ ସହିତ ଖୁବ୍ ମଜାମଉଜରେ ଚଲାବୁଲା କରୁଥାଏ । ଗୁରୁଜୀ-ଗୁରୁମାମାନେ ତାକୁ ବହୁତ ବୁଝାଇ କହିଲେ -ଦେଖ ଯସ୍ ପୁଅ, ମେଳାପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର ଆଗେଇ ଚାଲିଚି,ତୁମେ ମଧ କିଛି ଜିନିଷପତ୍ର ନେଇଯାଇ ନିଜକାମରେ ଜୁଟିଯାଅ । ହେଲେ ସେମାନଙ୍କ କଥାକୁ ଯସ୍ ଶୁଣି ନ ଶୁଣିଲା ପରି ଏ କାନରେ ପୂରାଇ ସେ କାନରେ ବାହାର କରିଦେଲା । ନିଜେ ଯାଇ ଜିନିଷପତ୍ର ବି ଆଣିଲା ନାଇଁ । ଭାବିଲା ଏବେ ତ ମେଳା ଲାଗିବାକୁ ବହୁତ ଦିନ ବାକିଅଛି । ଏବେକୁ ଏତେ ଉଛନ୍ନ କାଇଁକି ? ବେପରୁଆ ହୋଇ ସେ ବହୁତ ଦିନ ବରବାଦ କରିଚାଲିଲା । ଏବେ ଯସ୍ ମୁଣ୍ଡରେ ଚେତା ପଶିଲା, ସେ ଧାଇଁଯାଇ ବିଦ୍ୟାଳୟର ଏକ କୋଠରି ଭିତରେ ଧସେଇ ପଶିଗଲା । ଗୁରୁଜୀଙ୍କୁ କାକୁତିମିନତି ହେଇ କହିଲା -ମତେ ମଧ କାଗଜ, ରଙ୍ଗିନ ପେନସିଲ୍‌ଓ ମନୋ ହରିଡିବା ଦିଅନ୍ତୁ, ମତେ ମଧ ଚିଜ୍‌ବନେଇ ଆସିବ । ହେଲେ ଶେଷକୁ ଯସ୍‌କୁ ନିରାଶ ହେବାକୁ ପଡିଲା । ସେତେବେଳକୁ ସବୁରକମର ଚିଜ୍ ଶେଷ ହୋଇଯାଇଥିଲା ।

ଦୁଃଖରେ ଭାଙ୍ଗିପଡି ଉଦାସ ମନରେ ପଡିଆକୁ ଲେଉଟି ଆସିଲା ଯସ୍ । ଅନତି ଦୂରରେ ଲକ୍ଷ କଲା ଛାତ୍ରଛାତ୍ରୀମାନେ ବିଶେଷ କିଛି କରିସାରିଛନ୍ତି । କିଛି ସମୟ ପର୍ଯ୍ୟନ୍ତ ଯସ୍ ପୁଣି ଗୋଟେ ଥାନରେ ଲଥ୍‌କିନା ବସିପଡିଲା କଟା ଗଛଟିଭଳି । ସେତିକିବେଳେ କିଛିପିଲା ବଳକା କାଗଜ ଇତ୍ୟାଦି ଅଳିଆ ଜିନିଷ ଅଳିଆ କୁଣ୍ଡରେ ଅଜାଡିବାକୁ ଆଗଉଥାନ୍ତି । ଯସ୍ ସେମାନଙ୍କୁ ଅନୁରୋଧ ଭରାସ୍ୱରରେ କହିଲା -ଭାଇମାନେ, ମତେ ଏ ସବୁ ଅଳିଆ ଜିନିଷତକ ଦେଇଦିଅ । ସହପାଠୀର ଅନୁରୋଧ ରକ୍ଷାକରି ପିଲାଏ ସେବେକାର , ଅଦରକାରୀ ଚିଜ୍‌ତକ ତା ହାତକୁ ବଢାଇ ଦେଲେ । ଏବେ ସେ ବେଂଚ ଉପରେ ବସିକରି ମୁଣ୍ଡ ଖେଳେଇବା ଆରମ୍ଭ କରିଦେଲା । ବୁଦ୍ଧି ଖଟେଇ ଉପାୟଟିଏ ପାଂଚିଲା । ସେ ବୋତଲର ଢାଙ୍କୁଣିରେ ଗୋଟେ ଛିଦ୍ର କଲା ଏବଂ ସେଥିରେ ଘୂରିଥିବାଭଳିଚକ୍ରିଟିଏବନେଇ ଦେଲା । ଅଳିଆଚିଜ୍ ଗୁଡିକ ଭିତରେସାନ ସାନ କାଚବୋତଲ ଥାଏ । ସେ ସବୁରେ ଗେରୁଆ ମାଟିର ଲେପଦେଲା ଆଉ ସେମାନଙ୍କ ଶୁଣ୍ଢ ବନେଇ ସେ କାଚବୋତଲର ସାନ ସାନ ହାତୀମାନ ତିଆରି କଲା । ରଙ୍ଗିନ ରିବନ ଫିତାର ଟିକିଟିକି ଟୁକୁଡାରେ ଫୁଲ ତିଆରି କରିବାକୁ ଲାଗିଲା । ବୁଢା ପଟା ବା ମୋଟା କାଗଜ ଖଣ୍ଡମାନ ସେ ଅଳିଆ ଜିନିଷ ଭିତରେ ଥାଏ ଏବଂ ସେସବୁକୁ ବ୍ୟବହାର କରି ସେ ହାତ ପଂଖା ତିଆରିଲା । କିଛି ମୋଟା କାଗଜ ଟୁକୁଡା ଗୁଡିକରୁ ଗୋଲଗୋଲ ଚକା ତିଆରି କରି କାଗଜରେ ଗାଡି ବନେଇଦେଲା ।

ଏବେ ୟାସ୍‌ର ଖୁସି କହିଲେ ନ ସରେ । ସେ ଗୋଟିଗୋଟି କରି ଅଦରକାରୀ କାଗଜ ଖଣ୍ଡ ଗୁଡିକୁ ରୂପରେଖ ଦେଇ ନାନା ଆକୃତିର ପ୍ରଜାପତି ତିଆରି କଲା । ସେତିକିବେଳେ ମାଳୀ ମଉସା ବଳିଥିବା ଓଦା ରଙ୍ଗର ବାଲଟିକୁ ଫିଙ୍ଗିବାକୁ ଯାଉଥାନ୍ତି । ଯସ୍ ସେ ରଙ୍ଗ ସବୁ ମାଳୀ ମଉସାଠୁ ମାଗିନେଲା । ତା ହାତ ତିଆରି ସବୁ କଳାକୃତି ସବୁକୁ ବାଲଟି ଭିତରେ ଥିବା ରଙ୍ଗରେ ବୁଡାଇ ଦେଲା । ତାପରେ ସେଗୁଡିକ ବାଲ୍‌ଟି ସହିତ ଖରା ତେଜରେ ଶୁଖାଇ ଦେଲା । କିଛିକ୍ଷଣ ପରେମାଳୀମଉସା ହାତକୁ ବାଲଟି ବଢାଇ ଦେଇ ଯସ୍ ସେଠୁ ଚାଲିଗଲା । ସେତିକିବେଳେ ଗୁରୁଜୀ ଓ ପିଲାମାନେ ସେ ବାଟଦେଇ ଯାଉଥାନ୍ତି । ପିଲାମାନେ ଗୁରୁଜୀଙ୍କୁ ବତେଇ ଦେଲେ ଯସ୍ ଏସବୁ ଅଦରକାରୀ ଜିନିଷ ପତ୍ରରୁ ତିଆରି କରିଛି । ଘଂଟାଟିଏ ପରେ ସେସବୁ ଚିଜ୍ ଶୁଖିଗଲା । ପ୍ରଧାନ ଗୁରୁଜୀ ଯେତେବେଳେ ଯସ୍‌ର ହାତତିଆରି ସୁନ୍ଦର କମନୀୟ ଚିଜ୍‌ଗୁଡିକ ଆଖି ପୂରେଇ ଦେଖିଲେ ଓ ଆମୂଳଚୂଳ ଘଟଣା ବାବଦରେ ଟିକିନିଖି କଥା ଶୁଣିଲେ ତାକୁ ପ୍ରଶଂସାରେ ପୋତି ପକାଇଲେ । ଯସ୍‌ଖୁସି ଆନନ୍ଦରେ ଉଛୁଳି ପଡୁଥିଲା । ଏବେ ସେ ଶୁଶୁ ମେଳାର ଏକ ଅଂଶବିଶେଷ ବନିଗଲା । ଆପଣାର କାମଧନ୍ଦା ଠିକଣା ସମୟରେ କରିବା ନିହାତି ଆବଶ୍ୟକ ବୋଲି ଖୋଦ୍ ଯସ୍ ଆଜି ଶିକ୍ଷା ଲାଭ କଲା ।


+ପ୍ରାକ୍ତନ ଅତିରିକ୍ତଶାସନ ସଚିବ,
ଓଡିଶା ସରକାର, ଓସ୍କାରସିଟି, ଲକ୍ଷ୍ମୀବଜାର
କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ରାଜଧାନୀରେ ମାତିଛନ୍ତି ଗେ' ଗ୍ୟାଙ୍ଗ୍: ଚାଟିଂରେ ଫସାଇ ମିଟିଂରେ ଲୁଟ୍

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଏସ୍କର୍ଟ ସର୍ଭିସ ଆପ୍ ବା ଡେଟିଂ ଆପ୍ ଚାଟିଂ କରୁଛନ୍ତି କି? ସତର୍କ ହୋଇ ଯାଆନ୍ତୁ! ଆପ୍‌ରେ ସୁନ୍ଦରୀ ଯୁବତୀ ଓ ମହିଳାଙ୍କ ଫଟୋ ଦେଖି ଭଳି ଯାଆନ୍ତୁନି । ଠକେଇରେ ପଡ଼ିଯିବେ! ଖାଲି ଫଟୋ ନୁହେଁ, ଭିଡିଓ କଲ୍‌ରେ ବି ପୂର୍ବରୁ ରେକର୍ଡ ହୋଇଥିବା ଯୁବତୀଙ୍କ ଭିଡିଓ ଚଲାଇ ଲୁଟେରା ଆପଣଙ୍କୁ ଭ୍ରମରେ ପକାଇ ପାରନ୍ତି! ଆଉ ଥରେ ସେମାନଙ୍କ ଜାଲରେ ଫସିଲେ, ସେଥିରୁ ବାହାରିବା ସହଜ ହେବନି । ବ୍ଲାକମେଲିଂର ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇ ପାରନ୍ତି । ରାଜଧାନୀରେ ସକ୍ରିୟ ଥିବା ଏକ ଗେ' ଗ୍ୟାଙ୍ଗକୁ କମିସନରେଟ୍ ପୁଲିସ କରିବା ଠାବ ପରେ ଏଭଳି ଭୟଙ୍କର ସତ ପଦାକୁ ଆସିଛି । ଏହି ଗ୍ୟାଙ୍ଗ ଏପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଫସାଇ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଛନ୍ତି । ଗ୍ୟାଙ୍ଗର କିଛି ସଦସ୍ୟଙ୍କୁ ପୁଲିସ ଗିରଫ କରିଥିବା ବେଳେ ବାକି ସଦସ୍ୟ ଏବେ ବି ସକ୍ରିୟ ଥିବା ସନ୍ଦେହ କରାଯାଉଛି । ରାଜଧାନୀରୁ ଏ ଗ୍ୟାଙ୍ଗକୁ ମୂଳପୋଛ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି । ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ପାଖାପାଖି ମାସେ ହେବ ଏହି ଗ୍ୟାଙ୍ଗ ରାଜଧାନୀରେ ସକ୍ରିୟ ହୋଇ ଉଠିଥିଲା । ଗ୍ୟାଙ୍ଗର ସଦସ୍ୟମାନେ ଏସକର୍ଟ ସର୍ଭିସ୍ ଆପ୍ ଖୋଲି ସମଲିଙ୍ଗୀ (ଗେ) ଯୌନ ସମ୍ପର୍କ




ରଖିବା ପାଇଁ ଉତ୍ସାହିତ କରୁଥିଲେ । ସେହିପରି ଗେମିଂ ଆପ୍‌ରେ ପ୍ରଦର୍ଶିତ ହେଉଥିବା ଅଶ୍ଳୀଳ ଆପ୍‌ର ଚାଟିଂ ମାଧ୍ୟମରେ ଶୀକାର ଖୋଜୁଥିଲେ । ବିଭିନ୍ନ ଯୁବକଙ୍କ ସହ ଚାଟିଂ କରି କିଏ ସମଲିଙ୍ଗୀ ଯୌନ ସମ୍ପର୍କ ରଖିବାକୁ ଇଚ୍ଛୁକ, ତା'ର ସନ୍ଧାନ ନେଉଥିଲେ । ପ୍ରଥମେ ଚାଟିଂ କରି ସମ୍ପର୍କ ବଢ଼ାଉଥିଲେ ଓ ପରେ ନମ୍ବର ନେଇ ନିକଟତର ହେଉଥିଲେ । ଯେଉଁମାନେ ସମ୍ପର୍କ ରଖିବାକୁ ଆଗ୍ରହ ଦେଖାଉଥିଲେ, କୌଶଳକ୍ରମେ ସେମାନଙ୍କୁ ଭୁବନେଶ୍ୱରସ୍ଥ ଗ୍ୟାରେଜ ଛକକୁ ଡାକୁଥିଲେ । ସେମାନେ ସେଠାରେ ପହଞ୍ଚିବା ପରେ ମିଠା ମିଠା କଥା କହି ସାମନ୍ତରାପୁର ସ୍ଥିତ ଏକ ଆଜ୍‌ବେସ୍‌ଷ୍ଟସ୍ ଘରକୁ ନେଇ ଯାଉଥିଲେ । ସେଠାରେ ସମଲିଙ୍ଗୀ ଯୌନ ସମ୍ପର୍କ ରଖିବା ସମୟରେ ଭିଡ଼ିଓ ଉତ୍ତୋଳନ କରୁଥିଲେ । ସେହି ଭିଡିଓକୁ ଭାଇରାଲ କରିବାର ଡ଼ରାଣ ଦେଖାଇ ମୋଟା ରକମର ଟଙ୍କା ଦାବି କରୁଥିଲେ । ବିଚରା ଗ୍ରାହକ ଲୋକଲଜ୍ଜା ଭୟରେ କାନମୁଣ୍ଡ ଆଉଁସି ଲକ୍ଷ ଲକ୍ଷ ଟଙ୍କା ଗଣୁଥିଲା । ଯଦି କେହି ସମ୍ମାନହାନୀକୁ ଖାତିର ନକରି ଟଙ୍କା ନଦେଲା, ତାକୁ ନିସ୍ତୁକ ମାଡ଼ ମାରୁଥିଲେ । ଏହି ଗ୍ୟାଙ୍ଗ ଏମିତି କେତେ ଯୁବକଙ୍କୁ ଠକିଛନ୍ତି, କେଉଁ କେଉଁ ଲୋକଙ୍କ ସହ ଚାର୍ଟ କରିଛନ୍ତି, ଗ୍ୟାଙ୍ଗରେ ଆଉ କେଉଁମାନେ ଅଛନ୍ତି- ଏସବୁର ଯାଞ୍ଚ ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି । ସେମାନଙ୍କ ମୋବାଇଲ୍‌ରେ ଥିବା ଚାର୍ଟ ଓ ଆପ୍‌ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି । ୮୫ ହଜାର ଟଙ୍କା ଥିବା ସେମାନଙ୍କର ୩ଟି ବ୍ୟାଙ୍କ୍ ଆକାଉଣ୍ଟକୁ ପୁଲିସ ବ୍ଲକ କରିଛି । ଅନ୍ୟ ଆକାଉଣ୍ଟଗୁଡ଼ିକୁ ମଧ୍ୟ ଯାଞ୍ଚ କରା ଯାଉଛି । କିଛିଦିନ ତଳେ ଏହି ଗ୍ୟାଙ୍ଗର ସଦସ୍ୟମାନେ କଳ୍ପନା ଅଞ୍ଚଳର ଜଣେ ଯୁବକଙ୍କୁ ଅଶ୍ଳୀଳ ଚାଟିଂ ଜରିଆରେ ପାଲରେ ପକାଇଥିଲେ । ତା'ପରେ ଗତ ୫ ତାରିଖ ଦିନ ତାଙ୍କୁ ଗ୍ୟାରେଜ ଛକକୁ ଡ଼ାକିଥିଲେ । ସେ ସେଠାରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଗ୍ୟାଙ୍ଗର ଦୁଇଜଣଙ୍କ ଯୁବକ ସେଠାରୁ ତାଙ୍କୁ ସାମନ୍ତରାପୁର ସ୍ଥିତ ଘରକୁ ନେଇ ଯାଇଥିଲେ । ସେ ଘରେ ପହଞ୍ଚିବା ପରେ ଯୁବକମାନେ ତାଙ୍କୁ ନିସ୍ତୁକ ମାଡ଼ମାରି ପୋଷାକ ଖୋଲି ଦେଇଥିଲେ । ଏହାପରେ ତାଙ୍କର ଭିଡିଓ ଉତ୍ତୋଳନ କରି ଭାଇରାଲ୍ ଧମକ ଦେଇଥିଲେ । ଆଉ ତାଙ୍କ ଫୋନ୍ ପେ'ରୁ ସାଢ଼େ ୫୬ ହଜାର ଟଙ୍କା ନେଇ ଯାଇଥିଲେ । ଘଟଣା ବିଷୟରେ କାହାକୁ କହିଲେ 'ସୋସିଆଲ୍ ମିଡିଆରେ ଭିଡିଓ ବୁଲିବ' ବୋଲି ଧମକାଇଥିଲେ । ସେହିପରି ଗତ ୭ ତାରିଖରେ ସନ୍ତୋଷ ବିଶ୍ୱାଳ ନାମକ ଆଉଜଣେ ଯୁବକ ମାଉସୀ ମା' ଛକ ନିକଟରେ ଯାଉଥିବା ବେଳେ ଗ୍ୟାଙ୍ଗର ଜଣେ ନାବାଳକ ସଦସ୍ୟ ତାଙ୍କୁ ଲିଫ୍ଟ ମାଗିଥିଲା । ସନ୍ତୋଷ ଲିଫ୍ଟ ଦେଇଥିଲେ । ନାବାଳକଟି ଗ୍ୟାରେଜ୍ ଛକ ନିକଟରେ ତାଙ୍କୁ ଅଟକାଇ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲା । ସନ୍ତୋଷ ସେ ଥଣ୍ଡାପାନୀୟ ପିଇବା ପରେ ଅସୁସ୍ଥ ଅନୁଭବ କରିଥିଲେ । ନାବାଳକ ଜଣକ ତା'ପରେ କହିଥିଲା, 'ଭାଇ, ଚାଲ ମୋ ରୁମ୍‌ରେ ଟିକେ ବିଶ୍ରାମ ନେଇଯିବ । ଠିକ୍ ଲାଗିବା ପରେ ପଳାଇବ ।' ଅସୁସ୍ଥ ଲାଗୁଥିବାରୁ ସନ୍ତୋଷ ସେ ପ୍ରସ୍ତାବରେ ରାଜି ହୋଇଥିଲେ । ତେବେ ସେ ରୁମ୍‌ରେ ପହଞ୍ଚିବା ପରେ ସେଠାରେ ଗ୍ୟାଙ୍ଗ ସଦସ୍ୟମାନେ ତାଙ୍କୁ ସମାନ ଢ଼ଙ୍ଗରେ ଲୁଟିଥିଲେ । ପ୍ରଥମେ ତାଙ୍କ ଫୋନ୍ ପେ'ରୁ ଏକ ଲକ୍ଷ ଏବଂ ପରେ ଏଟିଏମ୍‌କୁ ନେଇ ସେଠାରୁ ୫୦ ହଜାର ଟଙ୍କା ଉଠାଇଥିଲେ । ସନ୍ତୋଷ ସେମାନଙ୍କ କବଳରୁ ବର୍ତ୍ତିବା ପରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଦୁଇଟି ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା । ସେମାନେ ବିଶେଷକରି ଫୋନ୍ ପେ' ମାଧ୍ୟମରେ ଟଙ୍କା ନେଇଥିବାରୁ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରା ଯାଇଥିଲା । ସେମାନେ ଯେଉଁ ଯେଉଁ ଆକାଉଣ୍ଟରେ ଟଙ୍କା ନେଇଥିଲେ, ପୁଲିସ ସେଗୁଡ଼ିକୁ ଠାବ କରି ସେମାନଙ୍କ ତଥ୍ୟ ହାତେଇବା ପରେ ଜଣ ପରେ ଜଣଙ୍କୁ କାବୁ କରିଥିଲା । ଲିଙ୍ଗରାଜ ଥାନା ପୁଲିସ ଗ୍ୟାଙ୍ଗ୍‌ର ମୁଖିଆ ଗଞ୍ଜାମର ଏ ମନୋଜ ଦୋରା (୧୯)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା'ର ୪ ନାବାଳକ ସହଯୋଗୀଙ୍କୁ କାବୁ କରି ଖୋର୍ଦ୍ଧା ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଇ ବାଳସୁଧାର ଗୃହକୁ ପଠାଇ ଦେଇଛି । ପୁଲିସ ସେମାନଙ୍କଠାରୁ ନଗଦ ୩୪ ହଜାର ଟଙ୍କା, କିଛି ଗହଣା ଓ ୮ଟି ମୋବାଇଲ୍ ଫୋନ୍ ଜବତ କରିଛି ।

# ମାନସିକ ଅସୁସ୍ଥଙ୍କୁ ଚିକିତ୍ସା ଏବଂ ସାମାଜିକ ସହାୟତାର ଆବଶ୍ୟକତା ରହିଛି

କନ୍ଧମାଳ, ୧୨/୧୦ (ନି.ପ୍ର): ବର୍ତ୍ତମାନ ସମଗ୍ର ବିଶ୍ୱରେ ମାନସିକ ଅସୁସ୍ଥତା ଏକ ମହାମାରୀ ପରି ବ୍ୟାପିବାରେ ଲାଗିଛି ଏହାର ପ୍ରଭାବ,ଓଡିଶା ତଥା କନ୍ଧମାଳ ଜିଲ୍ଲାରେ ମଧ୍ୟ ଏହା ବ୍ୟାପକ ଭାବେ ରହିଛି । ମାନସିକ ଅସୁସ୍ଥତା ସଂପର୍କରେ ସଚେତନତା ଅଭାବରୁ ଗ୍ରାମାଂଚଳର ଲୋକମାନେ ଗୁଣିଗାରେଡି, ଚେରମୂଳି ଚିକିତ୍ସା ଆଦିରେ ଖର୍ଚ୍ଚାନ୍ତ ହୋଇ ବିଫଳ ହେବା ସହ ମାନସିକ ଅସୁସ୍ଥମାନଙ୍କ ପ୍ରତି ସାମାଜିକ ଅବହେଳା ମଧ୍ୟ ବଢ଼ିବାରେ ଲାଗିଛି । ତେଣୁ ଗ୍ରାମ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସେମାନଙ୍କୁ ଚିକିତ୍ସା ସୁବିଧା ଓ ସାମାଜିକ ସୁରକ୍ଷାରେ ସହାୟକ ହେବା ନିମନ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ କନ୍ଧମାଳ ଜିଲ୍ଲା ଗୁମାଗଡ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି । ଅକ୍ଟୋବର ୧୦ ତାରିଖ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବାଙ୍ଗାଲୋର ସ୍ଥିତ ବେସିକ୍ ନିଡ୍ ଇଣ୍ଡିଆ ତରଫରୁ ଗୁମାଗଡର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କଳ୍ପନା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଜନସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଆୟୁଷ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ମହାପାତ୍ର, ସ୍ୱାତୀର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ ସ୍ୱାଇଁ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାଶ, ଆଲୋକ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମାନସିକ ସ୍ୱାସ୍ଥ୍ୟ ଏକ ବିଶ୍ୱବ୍ୟାପୀ ମାନବିକ ଅଧିକାର ଏବଂ ମାନସିକ ଅସୁସ୍ଥଙ୍କ ସହାୟତା ପାଇଁ ସବୁ କ୍ଷେତ୍ରରେ ସହାୟକ ବ୍ୟବସ୍ଥା ମାନ ରହିବାର ଆବଶ୍ୟକତା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବେସିକ୍ ନିଡ୍ ଇଣ୍ଡିଆ ସହାୟତାରେ ସ୍ୱାତୀ ଦ୍ୱାରା ଫୁଲବାଣୀ ଏବଂ ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗତ ଏକ ବର୍ଷ ଧରି ଚାଲି ଆସୁଛି । ଏହି ଶିବିରରେ ସ୍ୱାତୀର କର୍ମୀ ମାନଙ୍କ ସହ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ମାନେ, ବିଭିନ୍ନ ଗାଁ ଗୁଡିକର ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂସହାୟିକା ଦଳ ସଭ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ଶାଳ ଗଣ୍ଡି, ଶାଳ ସାଇଜ କାଠ ଉପକରଣ ଜବତ

ବଲାଙ୍ଗୀର, ୧୨/୧୦ (ନି.ପ୍ର): ଆଜି ପ୍ରାୟ ୧୨.୧୫ଟା ପୂର୍ବାହ୍ନରେ, ପାଟଣାଗଡ଼ ରେଞ୍ଜର କର୍ମଚାରୀମାନେ ପାଢ଼େଲ ସେକ୍ସନର ଲୁହାଖନ ଗ୍ରାମ ନିକଟରେ ଶାଳଗଣ୍ଡି, ଶାଳ ସାଇଜ ଏବଂ କାଠ ଉପକରଣ ଜବତ କରିଥିଲେ । ଜବତ ସାମଗ୍ରୀକୁ ଅଧିକ ଅନୁସନ୍ଧାନ ପାଇଁ ରେଞ୍ଜ ଅଫିସ କ୍ୟାମ୍ପସକୁ ଅଣାଯାଇଥିଲା । ରେଞ୍ଜ ଅଧିକାରୀ ଶ୍ରୀ ଲିଙ୍ଗରାଜ ଭୋଇଙ୍କ ନିର୍ଦ୍ଦେଶନାରେ ଶ୍ରୀ ବିନୋଦ ବିହାରୀ ଧରୁଆ, ଫରେଷ୍ଟର, ଶ୍ରୀ ସଂଜୀବ ମିଶ୍ର, ଫରେଷ୍ଟ ଗାର୍ଡଙ୍କ ସହିତ ଟିଟିଲାଗଡ ରେଞ୍ଜର ପାରା ସ୍କ୍ୱାଡ଼ ଏହି ଚଢ଼ାଉରେ ସାମିଲ ଥିଲେ ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା)ର ତୃତୀୟ ବୈଠକ

ବଲାଙ୍ଗିର, ୧୨/୧୦ (ନି.ପ୍ର): ସ୍ଥାନୀୟ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ର ତୃତୀୟ ବୈଠକ କମିଟି ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲ୍ଲାପାଳ ଚଂଚଳ ରାଣା, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ କେଡିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବା ସକାଶେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତାକାମ ନିମ୍ନମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ । ବିଭାଗୀୟ ନିର୍ବାହୀ ଅଧିକାରୀ କିଛି ସ୍ଥାନରେ ଠିକାଦାରକୁ ନିମ୍ନମାନର କାମ ଅଭିଯୋଗ ସକାଶେ ନୋଟିସ ଦିଆଯାଇଛି ବୋଲି ସଭାକୁ ଜଣେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏମଜିଏନଆରଇଜିଏ ଯୋଜନାର କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କୁ ଟଙ୍କା ପଇଠରେ ଆଧାର ଟିପଚିହ୍ନ ଜନିତ ଅସୁବିଧା ପାଇଁ ବିଳମ୍ବ ହେଉଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । କିଛି ସ୍ଥାନରେ ଓଭରହେଡ ଟ୍ୟାଙ୍କରୁ ପାଣି ଲିକ ହେଉଥିବାରୁ ତାର ମରାମତି ପାଇଁ ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଚଂଳରେ କିଛି ଜାଗାରେ ଅନିୟମିତ କରି ପାଇଥିବା ଘର ପାଇଁ ସମ୍ପୃକ୍ତଙ୍କ ଠୁ ସଂପୂର୍ଣ୍ଣ ଅର୍ଥ ଫେରସ୍ତ ଅଣାଯାଇଛି ଏବଂ ଅଧିକାରୀଙ୍କୁ ଦଣ୍ଡବିଧାନ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଅଭାବ ଶୀଘ୍ର ନୂତନ ଡାକ୍ତରଙ୍କ ଦ୍ୱାରା ପୂରଣ ହେବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ଦୁର୍ବଳ ନେଟୱର୍କ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ଜିଲ୍ଲାପାଳ ଏହାର ଏକ କମିଟି ଗଠନ ସହ ସବିଶେଷ ତଥ୍ୟ ଦେବାକୁ ଆଦେଶ ଦେଇଥିଲେ ।

# ୭ ବର୍ଷ ପରେ ବି କାର୍ପେଟଦାର ପୁଲିସ ବାବୁ ଅପହଞ୍ଚ: ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭାଇଙ୍କୁ କିଏ ବିକିଥିଲା କାର୍ବାଇନ୍

କଟକ, ୧୨/୧୦ (ନି.ପ୍ର): ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଭାଇଙ୍କ ପାଖରୁ ଜବତ ହୋଇଥିଲା କାର୍ବାଇନ୍ । ଏହାକୁ କେବଳ ପୁଲିସ ଅଧିକାରୀ ବ୍ୟବହାର କରିପାରିବାର ନିୟମ ରହିଛି । ସାଧାରଣ ଲୋକ ଏହାକୁ ବ୍ୟବହାର କରିପାରିବେ ନାହିଁ କି କିଣିପାରିବେ ନାହିଁ । ଧଳସାମନ୍ତ ଭାଇଙ୍କୁ ଉତ୍ତରପ୍ରଦେଶର ଜଣେ ପୁଲିସ ଅଧିକାରୀ କାର୍ବାଇନ୍ ବିକ୍ରି କରିଥିବା କୁହାଯାଉଥିଲା । କିନ୍ତୁ ଘଟଣାକୁ ୭ ବର୍ଷ ବିତି ଯାଇଥିଲେ ବି ସେହି ପୁଲିସ ବାବୁ କଟକ କମିସନରେଟ୍ ପୁଲିସ ପାଇଁ ଅପହଞ୍ଚ । ଆଜି ବି ଧଳସାମନ୍ତ ଭାଇଙ୍କୁ ଏହି କାର୍ବାଇନ୍ ବିକ୍ରି ରହସ୍ୟ ହୋଇ ରହିଯାଇଛି । ସୂଚନା ଅନୁଯାୟୀ, ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଭାଇଙ୍କୁ ୨୦୧୬ ଜାନୁଆରି ୧୫ରେ ପୋଖରୀପୁଟ ଘରୁ କଟକ କମିସନରେଟ୍ ପୁଲିସ ଗିରଫ କରିଥିଲା । ପରେ କମିସନରେଟ୍ ପୁଲିସ ସିଡିଏ ସେକ୍ଟର ୯ରେ ଥିବା ଧଳସାମନ୍ତ ଭାଇଙ୍କ ଘରେ ଚଢ଼ଉ କରିଥିଲା । ଧଳସାମନ୍ତ ଭାଇଙ୍କ ଶୌଚାଳୟ ଉପରେ ଏକ ସିକ୍ରେଟ୍ ଚାମ୍ବରରୁ କାର୍ବାଇନ୍ ସହିତ ମାଉଜର୍ ବି ଜବତ ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୨୩ଟି ବନ୍ଧୁକ ଓ ୪୮୩ ରାଉଣ୍ଡ ଗୁଳି ଜବତ ହୋଇଥିଲା । ସେହି ଘରୁ ବନ୍ଧୁକ ସହିତ ୬ କୋଟି ୨୭ ଲକ୍ଷ ଟଙ୍କା ଜବତ ବି ହୋଇଥିଲା ।



ତେବେ ଜବତ ହୋଇଥିବା କାର୍ବାଇନ୍ ଏକ ନିଷିଦ୍ଧ ବନ୍ଧୁକ । ଏ ପ୍ରକାର ଅତ୍ୟାଧୁନିକ ବନ୍ଧୁକ ମିଲିଟାରି ଓ ପାରାମିଲିଟାରି ଫୋର୍ସ (ଆର୍ମଡ୍ ପୁଲିସ, ସିଆରପିଏଫ୍, ବିଏସଏଫ)କୁ କେବଳ ଯୋଗାଣ ହୋଇଥାଏ । ପ୍ରତି ବନ୍ଧୁକର ଏକ ବଟ୍ ନମ୍ବର ଏବଂ ବଡି ନମ୍ବର ଥାଏ । ଧଳସାମନ୍ତଙ୍କ ଘରୁ ମିଳିଥିବା ବଟ୍ ନମ୍ବର ଯାଞ୍ଚ ପରେ ଏହା ଉତ୍ତରପ୍ରଦେଶର ଏକ ପାରାମିଲିଟାରି ସଂସ୍ଥାରୁ ଆସିଥିବା ଜଣାପଡ଼ିଥିଲା । କିନ୍ତୁ ଏହି ବନ୍ଧୁକର ବଟ୍ ନମ୍ବର ଯାଞ୍ଚ ସମୟରେ ଏଥିରେ ଥିବା ସଂଖ୍ୟାର ଶେଷ ସଂଖ୍ୟା ଲିଭାଇ ଦିଆଯାଇଛି । ତେଣୁ ନିର୍ଦ୍ଦିଷ୍ଟ ଭାବେ ମିଲିଟାରି କିମ୍ବା ପାରାମିଲିଟାରି ସଂସ୍ଥାର କେଉଁ ଅଧିକାରୀଙ୍କୁ ଜବତ ହୋଇଥିବା ବନ୍ଧୁକ ଇସ୍ୟୁ କରାଯାଇଥିଲା, ସେ ସମ୍ପର୍କରେ କଟକ କମିସନରେଟ୍ ପୁଲିସ ଆଜି ବି ଅନ୍ଧାରରେ ରହିଛି । ପୁଲିସ ଏ ସଂକ୍ରାନ୍ତ ଏକ ଚିଠି ଉତ୍ତରପ୍ରଦେଶ ପୁଲିସକୁ ଲେଖିଥିଲା । କିନ୍ତୁ ବଟ୍ ସଂଖ୍ୟା ଲିଭାଇ ଦିଆଯାଇଥିବାରୁ କାର୍ବାଇନ୍ ବିକ୍ରି କରିଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଠାବ କରାଯାଇପାରୁନାହିଁ ।

ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ବନ୍ଧୁକ ଯେଉଁ ଫ୍ୟାକ୍ଟ୍ରିରୁ ନିର୍ମାଣ ହୋଇଥାଏ ନିର୍ମାଣ ପରେ ଏଥିରେ ଥିବା ଲୁହା ଅଂଶରେ ଏକ ବଡି ନମ୍ବର ବନ୍ଧୁକ ଫ୍ୟାକ୍ଟ୍ରି ପକ୍ଷରୁ ଖୋଦେଇ ହୋଇଥାଏ । ସେହିଭଳି ଫ୍ୟାକ୍ଟ୍ରିରୁ ବନ୍ଧୁକ ମିଲିଟାରି ଓ ପାରାମିଲିଟାରି ଫୋର୍ସର ଯେଉଁ ୟୁନିଟକୁ ଆସିଥାଏ, ସେହି ୟୁନିଟରେ ଏକ ବଟ୍ ନମ୍ବର ଖୋଦେଇ ହୋଇଥାଏ । ବନ୍ଧୁକର ଶେଷ ଅଂଶ ଯେଉଁଟାକୁ ଧରାଯାଏ, ତାକୁ ବଟ୍ କୁହାଯାଏ । ସେହି ସ୍ଥାନରେ ହିଁ ଏହି ନମ୍ବର ସମ୍ପୃକ୍ତ ୟୁନିଟ ପକ୍ଷରୁ ଲେଖାଯାଇଥାଏ । ଏହି ନମ୍ବରରୁ ହିଁ ଜଣାପଡ଼ିଯାଏ, ସମ୍ପୃକ୍ତ ବନ୍ଧୁକ ଉକ୍ତ ୟୁନିଟ ପକ୍ଷରୁ କେଉଁ ପୁଲିସ ଅଧିକାରୀଙ୍କୁ ଜାରି କରାଯାଇଥାଏ । କିନ୍ତୁ ଧଳସାମନ୍ତ ଭାଇଙ୍କ ନିକଟରୁ ମିଳିଥିବା ବନ୍ଧୁକର ଏହି ବଟ୍ ନମ୍ବରରେ ଏକ ସଂଖ୍ୟା ଲିଭାଇ ଦିଆଯାଇଥିବାରୁ କେଉଁ ପୁଲିସ ଅଧିକାରୀଙ୍କୁ ଇସ୍ୟୁ ହୋଇଥିଲା, ଏହା ଜାଣିବା କଷ୍ଟକର ହୋଇପଡ଼ିଛି । ସାଧାରଣତଃ ଏହା ହାବିଲଦାର ଏବଂ କନଷ୍ଟେବଲ ପାହ୍ୟାର ପୁଲିସ କର୍ମଚାରୀଙ୍କୁ ହିଁ ଇସ୍ୟୁ କରାଯାଇଥାଏ । ଅଫିସରଙ୍କୁ ଇସ୍ୟୁ କରାଯାଇନଥାଏ । ତେଣୁ ଧଳସାମନ୍ତ ଭାଇଙ୍କୁ ବନ୍ଧୁକ ଏହି ପାହ୍ୟାର କୌଣସି ପୁଲିସ କର୍ମଚାରୀ ଉତ୍ତରପ୍ରଦେଶରେ ବିକ୍ରି କରିଥିବା ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି । ଉତ୍ତରପ୍ରଦେଶ ପୁଲିସ ତରଫରୁ କୌଣସି ପ୍ରକାର ସୂଚନା ମିଳୁନଥିବାରୁ ପୁଲିସ ଏହି ମାମଲାରେ ଆଜି ସୁଦ୍ଧା କୌଣସି ପ୍ରକାର ଅଗ୍ରଗତି କରିପାରିଲା ନାହିଁ । ଅବସରପ୍ରାପ୍ତ ପୁଲିସ ଡିଜି ସଂଜୀବ ମାରିକ କହିଛନ୍ତି ଯେ କାର୍ବାଇନରେ ୨୦ ରାଉଣ୍ଡ ଗୁଳି ରହିଥାଏ । ଏହା ୯ ଏମଏମ ବୋର୍ ହୋଇଥିବା ବେଳେ ଉଭୟ ଅଟୋମେଟିକ୍ ଓ ସେମିଅଟୋମେଟିକ୍ ବ୍ୟବସ୍ଥା ରହିଛି । ତେଣୁ ଏହାକୁ କୌଣସି ସାଧାରଣ ଲୋକଙ୍କୁ ଇସ୍ୟୁ କରାଯାଇପାରିବ ନାହିଁ । ଯେହେତୁ ବଡ଼ ବୋର୍ ରହିଛି, ଏହାକୁ କେବଳ ପୁଲିସ ଓ ଆର୍ମିକୁ ମିଳିପାରିବ । ସାଧାରଣ ଲୋକଙ୍କୁ ଦେଲେ ଏକକାଳୀନ ଅଧିକ ଗୁଳି ବାହାରୁଥିବାରୁ ଏହା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଲାଇସେନ୍ସପ୍ରାପ୍ତ ସାଧାରଣ ଲୋକଙ୍କୁ .୩୨ ରିଭଲଭର୍ କିମ୍ବା ପିସ୍ତଲ ମିଳିପାରିବ ବୋଲି ଶ୍ରୀ ମାରିକ କହିଛନ୍ତି ।

# ୪ପେଟି ଦେଶୀ ମଦ ଜବତ : ଯୁବକ ଗିରଫ

ଧର୍ମଶାଳା, ୧୨/୧୦ (ନି.ପ୍ର):ଯାଜପୁର ଜିଲା ବ୍ରହ୍ମବରଦା ଥାନା ପକ୍ଷରୁ ଆଜି ଚଢାଉ କରାଯାଇ ୪ ପେଟି ଦେଶୀ ମଦ ,ବାଇକ ସହ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଏରବାଙ୍ଗ ଗ୍ରାମର ନିଧି ବେହେରାଙ୍କ ପୁଅ କାର୍ତିକ(୨୪) ବୋଲି ଜଣାପଡିଛି । ସୂଚନା ମୁତାବକ, ଆଜି ସକାଳ ସାଢେ ୧୦ଟା ସମୟରେ ଦେଶୀ ମଦ ଚାଲାଣ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବ୍ରହ୍ମବରଦା ପୋଲିସ ରୁଦ୍ରପୁର ବ୍ରାହ୍ମଣୀ ନଦୀ ସେତୁ ନିକଟରେ ପହଂଚି ତଦନ୍ତ କରିଥିଲେ । ସେହି ସମୟରେ ଏକ ହିରୋ ଗ୍ଲାମର ବାଇକରେ ଏରବାଙ୍ଗ ଗ୍ରାମର କାର୍ତିକ ୪ ପୋଟି ଦେଶୀ ମଦ ନେଇ ରୁଦ୍ରପୁର ଅଂଚଳକୁ ଯାଉଥିବା ସମୟରେ ଧରା ପଡିଥିଲେ ।

# ସୁରକ୍ଷା କର୍ମୀ ଓ ସୁପରଭାଇଜର ନିଯୁକ୍ତି ପାଇଁ ହେବ ତାଲିମ ଶିବିର

କନ୍ଧମାଳ, ୧୨/୧୦ (ନି.ପ୍ର): ଜିଲ୍ଲା ନିୟୋଜକ କାର୍ଯ୍ୟାଳୟ, କନ୍ଧମାଳ ଓ ଏସ୍.ଆଇ.ଏସ୍.ର ମିଳିତ ସହଯୋଗରେ ଜିଲ୍ଲାର ପ୍ରତି ବ୍ଲକରେ ଏସ୍.ଆଇ.ଏସ୍. ରେ ସୁରକ୍ଷା କର୍ମୀ ଓ ସୁପରଭାଇଜର ପଦବୀ ପାଇଁ ପ୍ରଶିକ୍ଷଣ ଓ ନିଯୁକ୍ତି ନିମନ୍ତେ ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳ ସୂଚନା ଦେଇଛନ୍ତି । ପ୍ରଶିକ୍ଷଣ ସମାପ୍ତ ପରେ ୬୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଚାକିରି ଦେବାପାଇଁ ଏସ୍.ଆଇ.ଏସ୍. ପ୍ରତିଶ୍ରୁତି ଦେଉଛି । ସେହିପରି ଚାକିରି ସମୟରେ ବେତନ ବୃଦ୍ଧି, ପ୍ରମୋଶନ, ବୋନସ, ପେନ୍ସନ୍ ଯୋଜନା, ଗ୍ରାଚ୍ୟୁଟି, ପ୍ରୋଭିଡେଂଟ ଫଣ୍ଡ, ମେଡିକାଲ ସୁବିଧା, ବୀମା,ଲୋନ୍,ପିଲାଙ୍କ ଶିକ୍ଷା ବ୍ୟାବସ୍ଥା, ରହିବା ପାଇଁ ମେସ୍ ଏବଂ ଆବାସ ଇତ୍ୟାଦି ବ୍ୟବସ୍ଥା ରହିଛି ବୋଲି ଏସ୍.ଆଇ.ଏସ୍. ସୂଚନା ଦେଇଛି । ତାଙ୍କର ନିଯୁକ୍ତି ଟିମ୍ ଏହି ଚୟନ ଶିବିର ପରିଚାଳନା କରିବେ । ପଦବୀ ଅନୁଶାରେ ଶିକ୍ଷାଗତ ଯୋଗ୍ୟତା, ଉଚ୍ଚତା , ଓଜନ ଓ ବେତନ ସ୍ଥିର କରାଯାଇଛି । ଚୟନୀତ ପ୍ରାର୍ଥୀଙ୍କ ପାଇଁ ୫ଶହ ଟଙ୍କା ପଞ୍ଜୀକରଣ ଶୁଳ୍କ ଦେବାକୁ ପଡ଼ିବ । ସୁରକ୍ଷା କର୍ମୀ ପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍ କିମ୍ବା ଫେଲ୍ ଥିବାବେଳେ, ସୁପରଭାଇଜର ପଦବୀ ପାଇଁ ୨ ରଖାଯାଇଛି । ସୁରକ୍ଷା କର୍ମୀ ପାଇଁ୧୨ହଜାର ରୁ ୧୯ହଜାର ବେତନ ସହିତ ଅନ୍ୟାନ୍ୟ ଅତିରିକ୍ତ ଭତା ଏବଂ ସୁପରଭାଇଜର ପଦବୀ ପାଇଁ ୧୬ହଜାରରୁ ୨୨ ହଜାର ବେତନ ସହିତ ଅନ୍ୟାନ୍ୟ ଭତା ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଜଣାପଡ଼ିଛି । ଏହି ଚୟନ ଶିବିର ଏହି ମାସ ୧୨, ୧୩, ୧୬, ୧୭, ୧୮, ୧୯, ୨୦, ୨୫, ୨୬, ୨୭, ୩୦ ଓ ୩୧ ତାରିଖ ଦିନ ୧୦ଟା ରୁ ଅପରାହ୍ନ ୦୩ ଘଣ୍ଟା ସମୟ ମଧ୍ୟରେ ଯଥାକ୍ରମେ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଫୁଲବାଣୀ, ଖଜୁରୀପଡ଼ା, ଫିରିଙ୍ଗିଆ, ଚକାପାଦ, ଟିକାବାଲି, ବାଲିଗୁଡ଼ା, କେ.ନୂଆଗାଁ, ତୁମୁଡ଼ିବନ୍ଧ, କୋଟଗଡ଼, ଦାରିଙ୍ଗିବାଡ଼ି, ରାଇକିଆ, ଘୁ.ଉଦୟଗିରି, ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳଙ୍କ ସୂତ୍ରରୁ ଜଣାପଡ଼ିଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ସୁବର୍ଣ୍ଣପୁର, ୧୨/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ସଭା ଗୃହ ଠାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଡିସି) ଡା. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କନ୍ସଲଟାଂଟ ଅପଥାମୋଲୋଜୀ ଡା. ସଞ୍ଜିବ କୁମାର କର, ମେଡିକାଲ ଅଧିକ୍ଷକ ମହାନଦୀ ନେତ୍ର ଚିକିତ୍ସାଳୟ ଡା. ଦେବେନ୍ଦ୍ର କୁମାର ସାହୁ, ଏଡମିନିଷ୍ଟ୍ରାଟର ବିଭୁ ପ୍ରସାଦ ବଳିୟାର ସିଂ, ପବ୍ଲିକ ରିଲେସନ୍ ଅଫିସର୍ ଜି. ଗୋପାଳ, ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ମଂଚାସୀନ ଥିଲେ ଓ ଅତିଥିମାନେ ବିଶ୍ୱ ଦୃଷ୍ଟି ଦିବସର ଉଦ୍ଦେଶ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ସଚେତନତା ମାଧ୍ୟମରେ କିପରି ଆଖିର ଯତ୍ନ ନେଇ ଅନ୍ଧତ୍ୱ ଦୂରୀକରଣ ଉପରେ ଆଲୋକପାତ କରି ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇ ପାରିବ ଓ ଏ ବର୍ଷର ସ୍ଲୋଗାନ ହେଉଛି କର୍ମ କ୍ଷେତ୍ରରେ ଚକ୍ଷୁର ଯତ୍ନ ନିଅନ୍ତୁ ଓ ସଭାରେ ମହାନଦୀ ନେତ୍ର ଚିକିତ୍ସାଳୟର ବରିଷ୍ଠ କର୍ମକର୍ତା ବୃନ୍ଦ, ସ୍ୱାସ୍ଥ୍ୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ ଓ ସଭାରେ ୧୦ଜଣ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରି ଏକ ରାଲି ସହର ପରିକ୍ରମା କରିଥିଲା ଓ ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପାଣିରେ ବୁଡି ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

କୋରେଇ, ୧୨/୧୦ (ନି.ପ୍ର): ପାଣିକୋଇଲି ଥାନା ତଥା ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋଡି ଗ୍ରାମର ଧର୍ମପରାୟଣ ବ୍ୟକ୍ତି କିର୍ତନ ଖଣ୍ଡାଇ (୭୫)ଙ୍କ ପାଣିରେ ବୁଡି ଆଜି ମଧ୍ୟାନ୍ନରେ ମୃତ୍ୟୁ ଘଟିଛି । ଶ୍ରୀ ଖଣ୍ଡାଇ ଆଜି ଚାଷ ଜମିକୁ ଯାଇଥିବା ବେଳେ ସେଠାରେ ଥିବା ପୋଖରୀ ନିଗଟରେ ଏକ ଗଭୀର ଖାଲରେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ । ଗ୍ରାମବସୀଙ୍କ ଠାରୁ ଖବର ପାଇ ପରିବାର ଲୋକେ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରିବା ବେଳକୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

# ମାନସିକ ରୋଗୀଙ୍କ ପାଇଁ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିମାଇଁ ଚରଣ ଅନଗ୍ରସର ବିଦ୍ୟାଳୟଠାରେ ଗତକାଲି ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଶିବିର ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ବିଶ୍ୱଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏଡିଜେ ଅଜୟ କୁମାର ପ୍ରଧାନ, ଫାମିଲି କୋର୍ଟ ଜଜ୍ ବିକାଶ ଚନ୍ଦ୍ର ଦେ, ଜଜ୍ ପ୍ରଣତି ପଟ୍ଟନାୟକ, ସିଜେଏମ୍ ପୂଜା ଷଡ଼ଙ୍ଗୀ, ରେଜିଷ୍ଟ୍ରାର୍ ରମାଦେବୀ ସୋରେନ, ସିନିୟର୍ ସିଭିଲ୍ ଜଜ୍ ଅନ୍ନପୂର୍ଣ୍ଣା ନାୟକ, ଜଜ୍ ଆଲୋକମୟୀ ପ୍ରଧାନ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ସ୍ନିଗ୍ଧା ପଣ୍ଡା, ଏସ୍‌ଡିଜେଏମ୍ ଲିପାପୁଷ୍ପା ଖୁଂଟିଆ, ଜେଏମ୍‌ଏଫ୍ ଜଜ୍ ଅମିତ୍ କୁମାର ବେହେରା ।

## ଗୁରୁ - ନିର୍ବାଚନ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ ।

ଭଗବାନ୍ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।

ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତ୍ତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

+ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ,
ମୋବାଇଲ୍-୯୪୩୭୦୫୧୯୫୭

## ୟୁନିଟ ୧ ହାଟରେ ନକଲି ଗୋପାଳ ଜର୍ଦ୍ଦା ବିକ୍ରି ଅଭିଯୋଗ: ୨ ଗିରଫ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଭୁବନେଶ୍ୱର ୟୁନିଟ ୧ ହାଟରେ ନକଲି ଗୋପାଳ ଜର୍ଦ୍ଦା ବିକ୍ରି କରୁଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଦୁଇ ଜଣ ଦୋକାନୀଙ୍କୁ ଗିରଫ କରିଛି । ସେମାନେ ହେଉଛନ୍ତି ପୁରୀ ଜିଲ୍ଲା ଚନ୍ଦନପୁରର କୃଷ୍ଣଚନ୍ଦ୍ର ରାଉଳ(୩୨) ଓ ଖୋର୍ଦ୍ଧା ଜିଲ୍ଲା ବନମାଳୀପୁରର ବାସୁଦେବ ମଣ୍ଡଳ(୩୦) । ଉଭୟଙ୍କର ୧ ନମ୍ବର ହାଟରେ ଦୋକାନ ଅଛି । ସେମାନଙ୍କ ଠାରୁ ଗୋପାଳ ବ୍ରାଣ୍ଡର ନକଲି ଜର୍ଦ୍ଦା ଜବତ କରାଯାଇଛି । ଜୋନ୍-୧ ଏସିପି ମାନସ ଗଡ଼ନାୟକ କହିଛନ୍ତି ଗୋପାଳ ଇମ୍ପେରିଆଲ ପ୍ରାଇଭେଟ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ କୈଳାସ ସିଂହ ଚୌହାନ ଗତକାଲି କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ ଯେ ୟୁନିଟ-୧ ହାଟରେ କିଛି ଦୋକାନୀ ତାଙ୍କ କମ୍ପାନୀ ନାଁରେ ନକଲି ଜର୍ଦ୍ଦା ବିକ୍ରି କରୁଛନ୍ତି । ଏହା ପରେ ପୁଲିସ୍ ର ଏକ ଟିମ୍ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ କୃଷ୍ଣଚନ୍ଦ୍ର ଓ ବାସୁଦେବ ଧରାପଡ଼ିଥିଲେ । ସେମାନଙ୍କଠାରୁ ବିଭିନ୍ନ ରକମର ନକଲି ଜର୍ଦ୍ଦା ଜବତ କରାଯାଇଛି, ଯେଉଁଗୁଡ଼ିକୁ ସେମାନେ ଗୋପାଳ ବ୍ରାଣ୍ଡରେ ବିକ୍ରି କରୁଥିଲେ ।

# ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ବୈଠକ




ବାରିପଦା, ୧୩/୧୦ (ନି.ପ୍ର): ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ରଙ୍ଗାମାଟିଆ ଗ୍ରାମ ପଞ୍ଚାୟତ ଆବାହକ ସୁବନ ଚନ୍ଦ୍ର ସିଂ ଙ୍କ ଆବାହକତ୍ୱରେ ବଡଶୋଳ, ସାନଶୋଳ ଏବଂ ଜଗନ୍ନାଥପୁର ଠାରେ ୱାର୍ଡ କମିଟି ବୈଠକ ଆୟୋଜିତ ହୋଇଯାଇଛି. ବୈଠକରେ ବକ୍ତା ଭାବରେ ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନର ଜିଲ୍ଲାପରିଷଦ ସଦସ୍ୟ ମଧୁସୂଦନ ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ ନାଗ, ରଙ୍ଗାମାଟିଆ ଗ୍ରାମପଞ୍ଚାୟତ ସରପଞ୍ଚ ରୋହିଦାସ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ର ସମ୍ପାଦକ ବୁଦ୍ଧିଆ ସିଂ, ରଣଜିତ ସିଂ, ସୁନାରାମ ସିଂ ଏବଂ ବ୍ଲକ ସମନ୍ୱୟ ସମିତି ର ଆବାହକ ରାମଚନ୍ଦ୍ର ସିଂ, ବୈଦନାଥ ସିଂ, ସମାଜସେବୀ ରାମେଶ୍ୱର ଚାଲାକି ପ୍ରମୁଖ ଯୋଗଦେଇ, ଗତ ଜୁଲାଇ ମାସ ୧୧ ତାରିଖ ଭୁବନେଶ୍ୱରସ୍ଥିତ ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ସରକାରଙ୍କ ଜନଜାତି ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ ହୋଇ କୁଇ, ହୋ ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯାଇଥିଲା କିନ୍ତୁ ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ବାବଦରେ କୌଣସି ଆଲୋଚନା କରାଯାଇ ନଥିବାରୁ କ୍ଷୋଭ ପ୍ରକାଶ କରାଯିବା ସହିତ ଓଡିଶା ବିଧାନସଭାରେ ମୁଣ୍ଡାରୀ ଭାଷା ଭାଷୀ ଲୋକଙ୍କ ମଧ୍ୟରୁ କେହିବି ଜଣେ ହେଲେ ନିର୍ବାଚିତ ପ୍ରତିନିଧି ନଥିବାରୁ ଓଡ଼ିଶା ସରକାରଙ୍କର ଜନଜାତି ଉପଦେଷ୍ଟା ପରିଷଦରେ ଜଣେ ମୁଣ୍ଡାରୀ ଭାଷା ଭାଷୀ ଲୋକଙ୍କୁ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେବା, ମୁଣ୍ଡାରୀ ଭାଷାକୁ ସଂବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯିବା ପାଇଁ ଦାବୀ କରାଯାଇଛି. ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ବ୍ୟାପକ କରାଯିବା ଉଦେଶ୍ୟରେ ବଡସୋଳର ୱାର୍ଡ ନମ୍ବର ୫ଓ ୬ରୁ ପବନ କୁମାର ସିଂ ଓ ସଦାନନ୍ଦ ସିଂ ସାନଶୋଳ ର ୱାର୍ଡ ନମ୍ବର ୭ଓ ୮ରୁ ଘାସିରାମ ସିଂ ଓ ସୁଫଲ ସିଂ ଏବଂ ଜଗନ୍ନାଥପୁର ର ୱାର୍ଡ ନମ୍ବର ୧୪, ୧୫ଓ ୧୭ ରୁ ଗୌରମୋହନ ସିଂ, ବିଜୁ ସିଂ ଓ ସାଧୁ ସିଂ ଙ୍କୁ ୱାର୍ଡ ଆବାହକ ଭାବେ ମନୋନୀତ କରାଯାଇଥିବା ବେଳେ ରଙ୍ଗାମାଟିଆ ପଞ୍ଚାୟତ ସମ୍ପାଦକ କରମା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ଜିଲ୍ଲାର ପ୍ରଶାସନିକ ଓ ଆଖଡ଼ା ଦଳର



ବାଲେଶ୍ୱର, ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମ୍ୟୁନିସପାଲିଟି ନିକଟରେ ଥିବା କିଲ୍ଲା ପୋଖରୀ ପାଖରେ ଅବସ୍ଥିତ ବିବାହ କଲ୍ୟାଣ ମଣ୍ଡପରେ ବାଲେଶ୍ୱର ପ୍ରଶାସନିକ ଓ ଆଖଡ଼ା ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଡିସନାଲ ଏସପି ଦଳେଇ ସାର , ସିଟି ଡିଏସପି ଗାୟତ୍ରୀ ପ୍ରଧାନ , ଟ୍ରାଫିକ୍ ଚିଫ୍ ପ୍ରଜ୍ଞା ମହାନ୍ତି ,ଡିଏସପି ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ଆଲୋକ ରଂଜନ ରାଏ ଏବଂ ଗୁଇନ୍ଦା ଡିଏସପି ବଜେଶ୍ୱରୀ ବଳ , ଏପରିକି ଟାଉନ ଆଇଆଇସି ବାରିଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ କିପରି ବାଲେଶ୍ୱର ଜିଲ୍ଲାର ବୀରାଷ୍ଟମୀ ,ଦଶହରା ଓ ଭସାଣି କିପରି ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳିତ ହେବ ସେଥିପାଇଁ ବାଲେଶ୍ୱର ଆଖଡ଼ା ର ସର୍ଦ୍ଦାର ଓ ବିଭିନ୍ନ ପୂଜା ମଣ୍ଡପର ମୂରବୀ ମାନଙ୍କ ସହ ଆଲୋଚନା କରିଥିଲେ । ଏପରିକି ବୀରାଷ୍ଟମୀ ଦିନ ପ୍ରତ୍ୟେକ ଆଖଡ଼ା ଦଳ ଦିନ ୮ ଟାରୁ ବାହାରି ଦିନ ୨ଟା ସମୟରେ ଶେଷ କରିବା ଓ ଦଶହରା ଦିନ ରାତ୍ରି ସମୟରେ ରାତି ୮ ଟାରୁ ବାହାରି ୨ଟା ରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ ଓ ପ୍ରତ୍ୟେକ ଆଖଡ଼ା ଦଳର ସର୍ଦ୍ଦାର ମାନେ ନିଜେ ନିଜ ଦଳକୁ ଶାନ୍ତି ଶୃଙ୍ଖଳାରେ ଆଣିବା ଓ ଦୌଡ଼ି ମାଧ୍ୟମରେ ନିଜେ ନିଜର ଦଳକୁ ବାରିକେଟ କରି ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ଶାନ୍ତି ଶୃଙ୍ଖଳାର ସହିତ ଭସାଣି ଉତ୍ସବ ସମାପନ କରିବାକୁ ପରାମର୍ଶ ଦେଇଥିଲେ । ଏପରିକି ଏହି ବୈଠକରେ ବହୁ ବୃଦ୍ଧିଜିବୀ , ଯୁବଗୋଷ୍ଠୀ ଓ ଆଖଡ଼ା ଦଳର ସର୍ଦ୍ଦାର ମନୋଜ କୁମାର ଦାସ ରୋଟାରିଆନ ଯଶୋଦା ନନ୍ଦନ ଆଶ , ବୈଲଚନ ଦାସ ସୁରଝଙ୍କାର ସେଠୀ , ଏବଂ ଆଖଡ଼ା ମୁଖିଆ ରବୀନ୍ଦ୍ର ବେହେରା , ରାମଚନ୍ଦ୍ର ନାଥ , ଦେବେନ୍ଦ୍ର ଦାସ ହେମଲତା ସାହୁ ,ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ

## ପୁରୁଣା ପେନ୍‌ସନ୍ ପାଇଁ ମହାସଂଗ୍ରାମ ସମାବେଶ ୧୫ରେ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ନୂତନ ପେନ୍‌ସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ଲାଗୁ କରିବା ନିମନ୍ତେ ଆସନ୍ତା ୧୫ ତାରିଖ ଦିବା ୨ ଘଟିକା ସମୟରେ "ଉତ୍କଳ ମଣ୍ଡପ" ଭୁବନେଶ୍ୱର ଠାରେ "ପୁରୁଣା ପେନ୍‌ସନ୍ ପାଇଁ ଜାତୀୟ ଆନ୍ଦୋଳନ" (ଏନ୍.ଏମ୍.ଓ.ପି.ଏସ୍.), ଓଡ଼ିଶା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପୁରୁଣା ପେନସନ୍ ମହାସଂଗ୍ରାମ ସମାବେଶ ଅନୁଷ୍ଠିତ ହେବ । ଏହି ବୈଠକରେ ଏନ୍.ଏମ୍.ଓ.ପି.ଏସ୍. ଓଡ଼ିଶାର ସମସ୍ତ କର୍ମକର୍ତ୍ତା ତଥା ରାଜ୍ୟର ସମସ୍ତ ସଂଗଠନର ସଭାପତି, ସମ୍ପାଦକ ତଥା ଜିଲ୍ଲା, ବ୍ଲକ ନେତୃତ୍ୱ ଓ ବିଭାଗର ମୁଖ୍ୟମାନେ ଯୋଗଦେବାକୁ ସଂଗଠନ ତରଫରୁ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ଅନୁରୋଧ କରିଛନ୍ତି । କେନ୍ଦ୍ର ସରକାର ୨୦୦୪ ମସିହାରେ ଓ ରାଜ୍ୟ ସରକାର ୨୦୦୫ ମସିହାରେ ପୁରୁଣା ପେନ୍‌ସନ୍ ଉଚ୍ଛେଦ କରି ନୂତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିଥିଲେ । ଫଳରେ ହଜାର ହଜାର ସରକାରୀ କର୍ମଚାରୀ ୩୦ ରୁ ୪୦ ବର୍ଷ ଚାକିରୀ କରି ଅବସର ପରେ ୧୦୦୦ ରୁ ୨୦୦୦ ଟଙ୍କା ପେନ୍‌ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଯେତେବେଳେ କି ବିଧାୟକ ଓ ସାଂସଦଙ୍କର ପୁରୁଣା ପେନ୍‌ସନ୍ ପୂର୍ବପରି ପାଉଛନ୍ତି । ସୂଚନାଯୋଗ୍ୟ କି କେନ୍ଦ୍ର ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇ ନୂତନ ପେନ୍‌ସନ୍ ଉପରେ ଅନୁଧ୍ୟାନ କରାଯାଇଛି, ଏହାକୁ ସଂଗଠନ ତରଫରୁ ଦୃଢ ବିରୋଧ କରିବା ସହ ନୂତନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନୁହେଁ ଆମକୁ ଅବିକଳ ପୁରୁଣା ପେନ୍‌ସନ୍ ଦରକାର । ଏଥିମଧ୍ୟରେ ବିଭିନ୍ନ ରାଜ୍ୟ ଯଥା ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ ରାଜ୍ୟ କର୍ମଚାରୀମାନଙ୍କର ଗୁରୁତର ସ୍ୱାର୍ଥକୁ ଦୃଷ୍ଟିରେ ପୁରୁଣା ପେନ୍‌ସନ୍ ଲାଗୁ କରିଛନ୍ତି । ଗତ ଅକ୍ଟୋବର ୧ରେ ଦିଲ୍ଲୀର ରାମଲୀଳାଠାରେ ସବୁ ରାଜ୍ୟର ୫ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀମାନେ ଏକ ହୋଇ କେନ୍ଦ୍ର ସରକାରଙ୍କୁ ପୁରୁଣା ପେନସନ୍ ଲାଗୁ କରିବାକୁ ଅନୁରୋଧ କରିଥିଲେ । ଆସନ୍ତା ନଭେମ୍ବର ମାସରେ କିଛି ରାଜ୍ୟରେ ନିର୍ବାଚନ ଥିବାରୁ କେନ୍ଦ୍ର ସରକାର ବୃହତ ନିଷ୍ପତି ନେଇପାରନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଶ୍ରୀମନ୍ଦିର ଗର୍ଭଗୃହରେ....

ସେହି ସମୟରେ ପସରାଉଠା କର୍ମଚାରୀ ଜଣଙ୍କ ବାବୁଲି ପ୍ରଧାନଙ୍କୁ ମୁଥ ମାରି ଦେଇଥିଲେ । ମୁଥମାଡ଼ରେ ବାବୁଲି ପ୍ରଧାନଙ୍କ ମୁହଁ ଫାଟି ଯାଇଥିଲା ଓ ସେଥିରୁ ରକ୍ତ ବାହାରି ଗର୍ଭଗୃହରେ ପଡ଼ିଥିଲା । ଏହି ଘଟଣା ଘଟିବା ପରେ ୪ଟା ମହାପ୍ରଭୁଙ୍କ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା ଓ ଏହା ୫ଟା ପର୍ଯ୍ୟନ୍ତ ଚାଲିଥିଲା । ମହାସ୍ନାନ ଯୋଗୁ ଠାକୁରଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ମଧ୍ୟ ବିଳମ୍ବ ହୋଇଛି । ତେବେ ଗର୍ଭଗୃହରେ ପାଳିଆ ସେବକ ଓ ଜେଟିପି ଉପସ୍ଥିତ ଥାଇ ଏଭଳି ଘଟଣା ଘଟିଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଶ୍ରୀମନ୍ଦିର ଗଲେ କ'ଣ...

ଏଥିନିମନ୍ତେ ଏବେଠୁ ବିଭିନ୍ନ ସ୍ତରରେ ଲୋକଙ୍କୁ ସଚେତନ କରିବାକୁ ଅଣ୍ଟା ଭିଡ଼ିଲାଣି ପୁରୀ ମନ୍ଦିର ପ୍ରଶାସନ । ଏ ସଂପର୍କରେ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବା ସହ ଆସନ୍ତା ନୂଆବର୍ଷଠାରୁ ଏହାକୁ ଯେପରି କଡ଼ାକଡ଼ି ଭାବେ ଲାଗୁ କରାଯିବ, ସେଦିଗରେ ପଦକ୍ଷେପ ନେବାକୁ ସମସ୍ତ ନିଯୋଗର ସଭାପତି, ସମ୍ପାଦକ ଏବଂ ହୋଟେଲ ମାଲିକଙ୍କୁ ଚିଠି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ନିୟମ ଲାଗୁ ହୋଇନି, ବିବେକ ଅନୁସାରେ ଶାଳୀନତା ପୋଷାକ ପିନ୍ଧନ୍ତୁ ବୋଲି ଚିଠିରେ ଦର୍ଶାଯାଇଛି । ଶ୍ରୀମନ୍ଦିର ପ୍ରଶାସକଙ୍କ ପକ୍ଷରୁ ସବୁ ନିଯୋଗ ଓ ହୋଟେଲକୁ ଚିଠି ଲେଖିଛନ୍ତି ମୁଖ୍ୟ ପ୍ରଶାସକ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ବହୁ ବର୍ଷ ଧରି ଏହି ନିୟମ ଲାଗୁ ହେବାର ଥିଲା । ଶାଳୀନତାପୂର୍ଣ୍ଣ ବାତାବରଣରେ ପ୍ରଭୁଙ୍କ ଦର୍ଶନ କରିବାକୁ ଭକ୍ତଙ୍କ ଆଗ୍ରହ ଥିବା ବେଳେ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା ଚାଲିଛି । ଏଥିସହ ସେ କହିଛନ୍ତି, ଯିଏ ଦର୍ଶନ କରିବାକୁ ଆସୁଛନ୍ତି, ସେମାନେ ଘରୁ ଉଭୟ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିବା ଦରକାର । ଏଥିପାଇଁ ୩ ମାସ ସମୟ ଦିଆଗଲା । ଇତି ମଧ୍ୟରେ ପୁରୀ ଆସୁଥିବା ଭକ୍ତଙ୍କୁ ସଚେତନତା କରାଯିବ । ବାହାର ରାଜ୍ୟରୁ ଆସୁଥିବା ଭକ୍ତଙ୍କୁ ସଚେତନ କରିବାକୁ ସେମାନଙ୍କ ଯାତ୍ରୀ ପଣ୍ଡାଙ୍କୁ କୁହାଯାଇଛି । ଏଥିସହ ବିଭିନ୍ନ ରାଜ୍ୟର ଗଣମାଧ୍ୟମରେ ବି ଏ ସଂକ୍ରାନ୍ତୀୟ ଖବର ପ୍ରକାଶିତ ହେଉଛି । ଗତକାଲି ଚିଠି ମାଧ୍ୟମରେ ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ, ଯାତ୍ରୀ ପଣ୍ଡା, ନିଯୋଗମାନଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । କେବଳ ଭକ୍ତଙ୍କ ପାଇଁ ନୂଆ ନିୟମ ଲାଗୁ ହେଉନି, ଶ୍ରୀମନ୍ଦିରରେ ନିୟୋଜିତ କର୍ମଚାରୀ, ପୁଲିସ୍‌ଙ୍କୁ ମଧ୍ୟ ଶାଳୀନତାର ପାଠ ପଢ଼ାଯିବ । ସେମାନେ କିପରି ଭକ୍ତଙ୍କ ପ୍ରତି ଭଲ ଭାବେ ବ୍ୟବହାର ପ୍ରଦର୍ଶନ କରିବେ, ଫଳରେ ଭକ୍ତମାନେ ଭଲ ଅନୁଭୂତି ନେଇ ଫେରିବେ ସେଥିନିମନ୍ତେ ବି ସଚେତନତା କରାଯିବ ।

### ୨୦୨୪ ଲୋକସଭା ନିର୍ବାଚନରେ...

ସେହିପରି ଅଧିକରୁ ଅଧିକ ରାଜନୈତିକ ଦଳ ମଧ୍ୟ ନିର୍ବାଚନରେ ଭାଗ ନେଉଥିବା ବେଳେ ଏହି ପ୍ରକ୍ରିୟାରେ ସରକାରୀ ଅଧିକାରୀ ମାନଙ୍କ ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଆସନ୍ତାବର୍ଷ ଭାରତୀୟ ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ଭାରତ ଆସିବାକୁ ପିଏମ ମୋଦି ପି-୨୦ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିଙ୍କୁ ନିମନ୍ତ୍ରଣ କରିଛନ୍ତି ।

### ରଙ୍ଗାରଙ୍ଗ ହେବ ଭାରତ-ପାକିସ୍ତାନ ....

ବାହାନା ଦେଖାଇ ହସ୍ପିଟାଲ ଭର୍ତି ହୋଇଥିବାର ଖବର ସାମ୍ନାକୁ ଆସିଛି । ବଡ଼ କଥା ହେଉଛି ପାକିସ୍ତାନ ବିପକ୍ଷରେ ଫର୍ମରେ ଥିବା ବ୍ୟାଟର ଶୁଭମନ ଗିଲ ଖେଳିବେ ବୋଲି ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଏମଏସକେ ପ୍ରସାଦ କହିଛନ୍ତି । ଏପଟେ ଗିଲ ଶୁକ୍ରବାର ନେଟରେ ପ୍ରାୟ ଏକ ଘଂଟା ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି । ଇସାନ କିଶାନ ବଦଳରେ ତାଙ୍କୁ ଦଳରେ ସାମିଲ କରାଯାଇପାରେ । ସେପଟେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ରେ ମହମ୍ମଦ ସିରାଜଙ୍କ ପଦର୍ଶନ ଭଲ ନଥିବାରୁ ତାଙ୍କ ବଦଳରେ ମହମ୍ମଦ ସାମିଙ୍କୁ ଟିମରେ ସାମିଲ କରାଯାଇପରେ । ବିଶ୍ୱକପରେ ଉଭୟ ଭାରତ ଏବଂ ପାକିସ୍ତାନ ଦୁଇଟି ଲେଖାଏଁ ମ୍ୟାଚ ଜିତିସାରିନଥିବାରୁ ଏହି ମ୍ୟାଚରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ । ସବୁଠୁ ବଡ଼ କଥା ହେଉଛି ଦିନିକିଆ ବିଶ୍ୱକପ ଇତିହାସରେ ଏପର୍ଯ୍ୟନ୍ତ ଭାରତ ବିପକ୍ଷରେ ଗୋଟିଏ ବି ମ୍ୟାଚ ଜିତିପାରିନାହିଁ ପାକିସ୍ତାନ । ପାକିସ୍ତାନ ବିଶ୍ୱକପ ଜିତିଥିଲେ ବି ଭାରତ ବିପକ୍ଷରେ ଖେଳିଥିବା ୭ ଟି ଯାକ ମ୍ୟାଚ ହାରିଯାଇଛି । ତେଣୁ ଏଥର ମ୍ୟାଚ ଜିତି ଅଲୋଡା ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବ ପାକିସ୍ତାନ ଦଳ ।

### ୧୨୮ ବର୍ଷ ପରେ....

ସେହିଭଳି ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ ରେ ପୁରୁଷ ଓ ମହିଳା କ୍ରିକେଟକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ପୂର୍ବରୁ ୧୯୯୮ ମସିହାରେ କ୍ୱାଲାଲମ୍ପୁରରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ପ୍ରଥମ ଥର ପାଇଁ କ୍ରିକେଟକୁ ସାମିଲ କରାଯାଇଥିଲା । ୧୯୦୦ ମସିହାରେ ପ୍ୟାରିସ ଅଲମ୍ପିକ୍ସରେ ହୋଇଥିବା କ୍ରିକେଟ ପ୍ରତିଦ୍ୱନ୍ଦିତାରେ ଇଂଲଣ୍ଡ ଫ୍ରାନ୍ସକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଥିଲା ।

## ଦେଶବ୍ରତୀ ସାହିତ୍ୟିକ ଗଙ୍ଗାଧର ନନ୍ଦଙ୍କ ଦେହାନ୍ତ



ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଦକ୍ଷିଣ ଓଡିଶାର ବରିଷ୍ଠ ସାହିତ୍ୟିକ ଡକ୍ଟର ଗଙ୍ଗାଧର ନନ୍ଦଙ୍କର ଗତକାଲି ଦେହାନ୍ତ ହୋଇଯାଇଛି । କୋରାପୁଟ ଜିଲ୍ଲା ଅନ୍ତର୍ଗତ ଜୟପୁର ସହର ଅନ୍ତର୍ଗତ ବିଦ୍ୟାଭୂଷଣ ନଗରର ବାସିନ୍ଦା ଡକ୍ଟର ନନ୍ଦଙ୍କର ପେସା ଥିଲା ଶିକ୍ଷକତା ଓ ନିଶା ଥିଲା ସାହିତ୍ୟ । ୩୩ରୁ ଅଧିକ ପୁସ୍ତକ ସେ ଓଡିଆ ଓ ଇଂରାଜୀରେ ରଚନା କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଭଞ୍ଜ ସାହିତ୍ୟରେ ଗବେଷଣା କରି ସେ ପିଏଚ୍‌ଡି ଲାଭ କରିଥିଲେ । ଭାରତୀୟ ଧର୍ମ, ସଂସ୍କୃତି ସଂପର୍କରେ ତାଙ୍କର ଗବେଷଣାତ୍ମକ ପୁସ୍ତକଗୁଡିକ ବେଶ ଚେତନା ଉଦ୍ରେକକାରୀ । ଦେଶ ଓ ସମାଜର ସମସ୍ୟା ସଂପର୍କରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି । କାଶ୍ମୀର ସମସ୍ୟା ଓ ସମାଧାନ, ଲଭ ଜିହାଦ, ଭାରତରେ ଜିହାଦ, ହଲାଲ ଜିହାଦ, ପାରିବାରିକ ଆତଙ୍କବାଦ, ଭାରତ ବିଜୟ ପଥେ ଇସଲାମ, ଗୋହତ୍ୟା ଉଚିତ୍ କି ?,ରାମରାଜ୍ୟରେ ରାଜଦ୍ରୋହୀ ଆଦି ତାଙ୍କର ସାଂପ୍ରତିକ ସମସ୍ୟା ସଂପର୍କୀତ ପୁସ୍ତକ । ଉଭୟ ଓଡିଆ ଏବଂ ସଂସ୍କୃତ ଭାଷାରେ ସେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । ଉତ୍କଳ ସମ୍ମିଳନୀ ଓଡିଆ ଭାଷା ପ୍ରତିଷ୍ଠାନ ସହ ସେ କାର୍ଯ୍ୟ କରିଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବିଶ୍ୱ ସଂସ୍କୃତି ପ୍ରତିଷ୍ଠାନମ୍, ବନବାସୀ ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ରର ସେ ନେତୃତ୍ୱ ନେଇଥିଲେ । ଭାରତ ସରକାରଙ୍କ ସଂସ୍କୃତି ବିଭାଗର ଭାଷାବିତ୍ (୨୦୦୦-୨୦୦୨), ଉତ୍କଳ ସମ୍ମିଳନୀର କୋରାପୁଟ ଜିଲ୍ଲା ଅଧ୍ୟକ୍ଷ, ଓଡିଆ ଭାଷା ପ୍ରତିଷ୍ଠାନର ଭାଷା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ସେ ତରୁଣ ପ୍ରଜ୍ଞା ଭାରତୀ ନାମରେ ଏକ ସଂଗଠନର ପ୍ରତିଷ୍ଠାତା ଥିଲେ, ଯାହା ୧୯୮୮ରୁ ରାଜ୍ୟର ଭିନ୍ନ ଭିନ୍ନ ଜିଲ୍ଲାରେ ୩୬ଟି ବିଷୟରେ ପ୍ରତିଯୋଗିତାର ଆୟୋଜନ କରିଆସୁଛି । ସାମାଜିକ କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କୋରାପୁଟ ଜିଲ୍ଲା ସଂଘଚାଳକ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ଗତ ସପ୍ତାହରେ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇ ସେ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ତାଙ୍କ ମୃତ୍ୟୁବେଳକୁ ୭୩ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ପ୍ରକାଶନ ସଂସ୍ଥା ଭାରତୀୟ ସାହିତ୍ୟ କେନ୍ଦ୍ର ଏବଂ ସମ୍ବାଦ ସଂସ୍ଥା ଭାରତୀୟ ସମ୍ବାଦ ସେବା (ଭାସ୍) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## ଖଡ଼ଗପୁର ଡିଭିଜନରେ 'ଏକ ଷ୍ଟେସନ୍ ଗୋଟିଏ ପ୍ରଡକ୍ଟ' ସ୍କିମ୍ ଅଧୀନରେ ଥିବା ରେଲୱେ ଷ୍ଟେସନରେ ଲୋକାଲ୍ ହ୍ୟାଣ୍ଡମ୍ୟାଡ୍ ଉତ୍ପାଦର ପ୍ରୋତ୍ସାହନ

**No.COM/G.18/2/Catg./** ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ ତାରିଖ: ୧୧.୧୦.୨୦୨୩

ରେଳ ବୋର୍ଡ, ଦକ୍ଷିଣପୂର୍ବ ରେଲୱେ, ଖଡ଼ଗପୁର ଡିଭିଜନ୍ ବାଲିଚାକ୍, ମେଚେଡା, ଖଡ଼ଗପୁରରେ ସେମାନଙ୍କୁ ବିକ୍ରୟ ଆଉଟଲେଟ୍ ଯୋଗାଇ ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର / ହସ୍ତତନ୍ତ ବୁଣାକାର, କାରିଗର, ଆଦିବାସୀ ଇତ୍ୟାଦିକୁ ଉନ୍ନତ ଜୀବିକା ଏବଂ ଦକ୍ଷତା ବିକାଶ ସୁଯୋଗ ପ୍ରଦାନ କରିବାକୁ ଚାହୁଁଛି । **ବାଲେଶ୍ୱର, ସାନ୍ତ୍ରାଗାଚି, ଶାଲିମର, ଦିଗା, ତାମ୍ରଲୁକ୍, ଜଳେଶ୍ୱର, ଝାରଗ୍ରାମ, ବାଗନନ୍, ବାଙ୍ଗିରିପୋଷି, ହଳଦିଆ, ହଳଦୀପଦା, ପାଂଶକୁରା, ହିଜଲି, ରାମରାଜଟାଲା, ଦସନାଗର, ଆଣ୍ଡୁଲ, ବେଲଦା ଏବଂ ରୁପ୍ସା** ଷ୍ଟେସନ । ଏହି ଷ୍ଟେସନଗୁଡ଼ିକରେ ଷ୍ଟାଟିକ୍ ଆଉଟଲେଟ୍ ଗୁଡିକ ପୂର୍ବରୁ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥାପିତ ହୋଇସାରିଛି । **୧୫ ଦିନ ପାଇଁ ଟୋକେନ୍ ଫି ହେଉଛି Rs, ୧୦୦୦/ ଟଙ୍କା ପ୍ରତି ଷ୍ଟଲ୍** । ଉଦ୍ଦେଶ୍ୟମୂଳକ ଆବେଦନକାରୀ (ବିଶେଷତ ସ୍ଥାନୀୟ ଉତ୍ପାଦକ) ଏହି ଯୋଜନାର ମୋଡାଲିଟି ସମ୍ବନ୍ଧରେ ସଂପୃକ୍ତ ଷ୍ଟେସନ୍ ମ୍ୟାନେଜରମାନଙ୍କ ସହିତ ଯୋଗାଯୋଗ କରିପାରିବେ ଏବଂ **୨୦.୧୦.୨୦୨୩ରେ ୧୭.୩୦ ଘଣ୍ଟା ମଧ୍ୟରେ ଷ୍ଟେସନ୍ ମ୍ୟାନେଜରଙ୍କ** ନିକଟରେ ଆବେଦନ କରିପାରିବେ । ୨୦.୧୦.୨୦୨୩ ରେ ସେହି ଦିନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଷ୍ଟେସନ୍ ମ୍ୟାନେଜରଙ୍କ ଚାମ୍ବରରେ **୧୮.୦୦ ଘଣ୍ଟା** ମଧ୍ୟରେ ଆବେଦନ କରାଯିବ । ନିୟମ ଅନୁଯାୟୀ ସମସ୍ୟାକୁ ଅଧିକ ପ୍ରକ୍ରିୟାକରଣ ପାଇଁ, ଯାହା ଦ୍ୱାରା ପ୍ରସ୍ତାବିତ ଷ୍ଟଲ୍ **୨୧.୧୦.୨୦୨୩** ରୁ କାର୍ଯ୍ୟକ୍ଷମ ହୋଇପାରେ । ବଡ଼ ନଂ ହେଲେ ଖୋଲା ଲଟେରୀ / ସର୍ବସାଧାରଣ ଡ୍ର । ପ୍ରୟୋଗଗୁଡ଼ିକ ଗ୍ରହଣ କରାଯାଇଛି । ଇଚ୍ଛୁକ ଆବେଦନକାରୀମାନେ ନିକଟସ୍ଥ **ଷ୍ଟେସନ ମ୍ୟାନେଜର୍ସ ଏବଂ ଶ୍ରୀ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜରଙ୍କ କାର୍ଯ୍ୟାଳୟ / ଖଡ଼ଗପୁର ସହିତ ମଧ୍ୟ ପରାମର୍ଶ କରିପାରିବେ । ଫୋନ୍ ନମ୍ବର: ୭୫୯୫୦୭୪୭୧୬ (ରମେଶ ରାଜନ)** ।

**(PR-703)** ଶ୍ରୀ ବିଭାଗୀୟ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳ
ଆପଣଙ୍କ ହସଖୁସି ସହ ଆମେ ସବୁବେଳେ

## ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଦ୍ୱିତୀୟ ପରିଷଦ ବୈଠକ




ବାରିପଦା , ୧୩/୧୦ (ନି.ପ୍ର): ଆଜି ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଡିପିଆରସି ହଲ ଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଦ୍ୱିତୀୟ ପରିଷଦ ବୈଠକ ପରିଷଦ ର ଅଧ୍ୟକ୍ଷ ଡ଼ା । ଦେବାଶିଷ ମାର୍ଣ୍ଡି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୀତ ଭରଦ୍ୱାଜ, ବାରିପଦା ସମନ୍ୱିତ ଆଦିବାସୀ ପ୍ରକଳ୍ପ ପ୍ରଶାସକ ରାମ ଚନ୍ଦ୍ର ସୋରେନ ପ୍ରମୁଖ ଯୋଗଦେଇ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ୨୩ ଗୋଟି ଆଦିବାସୀ ବହୁଳ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ବହୁ ଉନ୍ନତିମୂଳକ କାର୍ଯ୍ୟ ଜାରୀ ରହିଥିବାର କହିଛନ୍ତି । ଏସଡିସି ପକ୍ଷରୁ ଚାରିକୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଆଦିବାସୀ ଭବନ, ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ଆଲୋଚନା ଓ ସହମତି ଭିତ୍ତି ରେ କଳାକାର ମାନଙ୍କୁ ବାଦ୍ୟଯନ୍ତ୍ର ଯୋଗାଇବା, ଖେଳାଳି ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡା ପୋଷାକ ଓ ଉପକରଣ ପ୍ରଦାନ କରାଯିବା, ଭାବର ଆଦାନ ପ୍ରଦାନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ସ୍ପୋର୍ଟସ ମିଟ, ୨୦ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ହେବାକୁ ଥିବା ବ୍ଲକ ସ୍ତରୀୟ ଐତିହ୍ୟ କେନ୍ଦ୍ର , ଅଧିକରୁ ଅଧିକ ଧର୍ମୀୟ ପୀଠ ନିର୍ମାଣ, ଅଧିକ ସାଂସ୍କୃତିକ ସଙ୍ଘ ଗଠନ, ଆଦିବାସୀ ମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବେ ଆଦିବାସୀ ହାଟ ନିର୍ମାଣ, ଆଦିବାସୀ ତୀର୍ଥ ସ୍ଥଳୀର ଉନ୍ନତିକରଣ ଓ ବୃହତ ଲକ୍ଷ୍ୟ ସାଧନ ନିମିତ୍ତ ବାହାର ସ୍ଥାନକୁ ଭ୍ରମଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ପରିଷଦର ଅଧ୍ୟକ୍ଷ ଡ଼ା । ମାର୍ଣ୍ଡି ଉଲ୍ଲେଖ କରିଥିଲେ । ପ୍ରକଳ୍ପ କାର୍ଯ୍ୟ ପାଇଁ ଜମି ଆବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଗୁଡିକୁ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପିଏ ଆଇଟିଡିଏ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପାଧ୍ୟକ୍ଷା କମଳା ତିରିଆ, କରଞ୍ଜିଆ, ଉଦଳା ଓ ରାଇରଙ୍ଗପୁର ଆଇଟିଡିଏ ର ପ୍ରକଳ୍ପ ପ୍ରଶାସକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପରିଷଦ ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ହୋଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସ୍ୱାସ୍ଥ୍ୟସେବା ଚ୍ୟାରିଟେବୁଲ୍ ଟ୍ରଷ୍ଟ୍ ପକ୍ଷରୁ ଫଳ ବଣ୍ଟନ

ବାଲେଶ୍ୱର, ୧୩/୧୦ (ନି.ପ୍ର): 'ସ୍ୱାସ୍ଥ୍ୟସେବା ସହାୟକ ଚ୍ୟାରିଟେବୁଲ୍ ଟ୍ରଷ୍ଟ୍' ପକ୍ଷରୁ ଫକୀରମୋହନ ମେଡିକାଲ୍ କଲେଜ୍ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ସମୟରେ ଅସହାୟ ରୋଗୀମାନଙ୍କୁ ଫଳ, ବିସ୍କୁଟ୍ ପ୍ରଭୃତି ଆବଶ୍ୟକୀୟ ଦ୍ରବ୍ୟ ବଣ୍ଟନ କରାଯାଇଥାଏ। ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ହସ୍ପିଟାଲ୍ ସମ୍ମୁଖରେ ପାନୀୟଜଳ ବଣ୍ଟନ କରାଯାଏ। ଆର୍ଥିକ ଅନଗ୍ରସର ରାଗୀମାନଙ୍କ ଚିକିତ୍ସା ପାଇଁ ଔଷଧ କିଣିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଆସୁଛି। ବାଲେଶ୍ୱରର କେତେକ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ଦୀର୍ଘବର୍ଷ ଧରି ଏହି ଚ୍ୟାରିଟେବୁଲ୍ ଟ୍ରଷ୍ଟ ପ୍ରଶଂସନୀୟ କାର୍ଯ୍ୟ କରିଆସୁଅଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ଫଳ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତ୍ୟେକ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରଫେସର ଅନନ୍ତ କୁମାର ପ୍ରଧାନ, ଡା. ମିରା ପତି, ଉପେନ୍ଦ୍ର ନାଥ ପାତ୍ରଙ୍କ ସମେତ ଦୀନବନ୍ଧୁ ଲେଙ୍କା, ରମେଶ ଚନ୍ଦ୍ର ଦାସ, ଅଞ୍ଜନ କୁମାର ଦେ, କଳ୍ପନାରାଣୀ ମହାନ୍ତି, ରବୀନ୍ଦ୍ର ପ୍ରହରାଜ, ଭାସ୍କରଚନ୍ଦ୍ର ବାରିକ, ଇଂ. ହୃଷିକେଶ ସାହୁ, ଅଶୋକ ସାହୁ, ଡା. ପଞ୍ଚାନନ ସାତୁଆ, ଡା. ସୁଶାନ୍ତ ନାୟକ, ବିଜୟ ବିଶ୍ୱାଳ, ଅଜୟ ବେହେରା, ଚନ୍ଦନ ବାରିକ, ପୁରୁଷୋତ୍ତମ ବେହେରା ଓ ଜ୍ୟୋତି କୁମାର ବ୍ରହ୍ମା ପମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।



# ଭଦ୍ରକ କାଳୀପୂଜା ମେଳା ପାଇଁ ଦିନ ଚୂଡ଼ାନ୍ତ: ନଭେମ୍ବର ୧୮ ପର୍ଯ୍ୟନ୍ତ ମେଳା ୧୯ ସକାଳ ୯ଟା ସୁଦ୍ଧା ଭସାଣି



ଭଦ୍ରକ , ୧୩/୧୦ (ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ଆୟୋଜନ ନେଇ ପୂର୍ବରୁ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଥିଲେ ବି ମେଳା ଆୟୋଜନ ନେଇ ଦିନ ଧାର୍ଯ୍ୟପାଇଁ ଆଜି ଦ୍ୱିତୀୟଥର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାସନ ତରଫରୁ ପ୍ରଦତ୍ତ କାର୍ଯ୍ୟସୂଚୀ ମତେ ନଭେମ୍ବର ୧୮ ରାତି ପର୍ଯ୍ୟନ୍ତ ମେଳା ଓ ୧୯ ତାରିଖ ସକାଳ ୯ଟା ସୁଦ୍ଧା ଭସାଣି ଶେଷ କରିବା ପାଇଁ ଧାର୍ଯ୍ୟ ଦିନ ଓ ସମୟକୁ ବୈଠକରେ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ବୈଠକରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନେ ମେଳାପାଇଁ ଦିନେ ଅଧିକ ସମୟ ଇଚ୍ଛା କରୁଥିଲେ ବି ପୋଲିସ ମୁତୟନ ଓ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ନେଇ ପ୍ରଶାସନ ତରଫରୁ ଧାର୍ଯ୍ୟ ଦିନ ମଧ୍ୟରେ ମେଳା ଶେଷ କରିବାକୁ ସହଯୋଗ କରିବା ପାଇଁ କମିଟି ସଦସ୍ୟ ମାନଙ୍କୁ ଅନୁରୋଧ କରାଯାଇଥିଲା ଏବଂ ଏହି ପ୍ରସ୍ତାବକୁ ସମସ୍ତେ ଗ୍ରହଣ କରିଥିଲେ।

# ଦସ୍ତଖତ ଅଭିଯାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର , ୧୩/୧୦ (ନି.ପ୍ର): ବାସୁଦେବପୁର ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ, ଦସ୍ତଖତ ସଂଗ୍ରହ ଅଭିଯାନ, ମ୍ୟାଜିକ ସୋ ପ୍ରଭୃତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଏସ ଡି ପି ଓ ସୌରଭ ହୋତା, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇଥିଲେ। ତୃପ୍ତି ମହିଳା ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥିଲେ । ମେଧାବୀ ଛାତ୍ରୀ ଆଦ୍ୟାଶା ଦାଶ ସୁନ୍ଦର ଚିତ୍ର ଆଙ୍କିଥିଲେ ଓ ତାଙ୍କୁ ବିଧାୟକ ଶ୍ରୀ ରାଉତରାୟ ଓ ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ପ୍ରଶଂସା କରିଥିଲେ । ରକ୍ତତୀର୍ଥ ଇରମର ଶହୀଦ ଦିବସ ରେ ଓଡିଶା ର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଙ୍କ ଚିତ୍ର ଆଙ୍କି ଆଦ୍ୟାଶା ଦାଶ ଉପହାର ପ୍ରଦାନ କରିଥିଲେ । ରାଜ୍ୟପାଳ କୁମାରୀ ଦାଶ ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବାସୁଦେବପୁର ଥାନା ପକ୍ଷରୁ ଏହି କାର୍ଯ୍ୟକ୍ରମ କୁ ସର୍ବ ସାଧାରଣ ରେ ପ୍ରଶଂସା କରାଯାଇଛି।



# ବେବି ସାୱାର ଅବସରରେ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ



ବସ୍ତା, ୧୩/୧୦ (ନି.ପ୍ର): ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନାବରା ଠାରେ ଅନ୍ନପୂର୍ଣ୍ଣା ଇଞ୍ଜିନିୟରିଙ୍ଗ ୱାର୍କ୍ ସପ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସଂଗଠନ ତଥା ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ମିଳିତ ସହଯୋଗରେ ଆଦର୍ଶ ଦମ୍ପତି ସମାଜସେବୀ ଜୀବନ କର ଓ ପୂଜା କରଙ୍କ ପ୍ରଥମ ବେବି ସାୱାର ଉପଲକ୍ଷେ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜୀବନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଚି ଓ ଏହି ଶିବିରକୁ ବସ୍ତା ଏସ୍ ଡି ପି ଓ ଶ୍ରୀ ମାନସ କୁମାର ଦେଓ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିମାନେ ଭାବେ ପ୍ରକୃତି ବନ୍ଧୁ ସମାଜସେବୀ ସୁମନ୍ତ କୁମାର ଜେନା, ବରେଣ୍ୟ ଅତିଥିଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ବିଶିଷ୍ଟ ଅତିଥିଭାବେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟଜୀ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ଅନ୍ୟତମ ଅତିଥିଭାବେ ଭୋଲାନାଥ କର ଓ ସମାଜସେବୀ ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଶିବିରରୁ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଓ କରନ୍ ରାଉତ୍, ବିବେକାନନ୍ଦ ଦେ, ରାଜୀବ ମହାନ୍ତି, ପ୍ରଣବ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଦମ୍ପତିଙ୍କ ଏତାଦୃଶ୍ୟ ମହାନ୍ ସାମାଜିକ ସେବା କାର୍ଯ୍ୟକୁ ଅତିଥିଗଣ ଓ ସ୍ଥାନୀୟ ବାସିନ୍ଦା ଭୂୟସୀ ପ୍ରସଂଶା କରିଥିଲେ । ପରିଶେଷରେ କାର୍ତିକ ଚନ୍ଦ୍ର ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କ୍ଲଷ୍ଟରସ୍ତରୀୟ 'ସୁରଭି'- ୨୦୨୩ ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ




ନୀଳଗିରି , ୧୩/୧୦ (ନି.ପ୍ର): ନୀଳଗିରି ବ୍ଲକ ମାଟିଆଳୀ କ୍ଲଷ୍ଟର ସାତଖାଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ସୁରଭି ୨୦୨୩ ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜୋକ ରୂପକ କୁମାର ପଶାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାତଖାଲିଆ ପ୍ରାଇମେରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଖଣ୍ଡେଇଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏବିଇଓ ମିହିର କୁମାର ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନେ ପାଠପଢା ସହିତ ସୁସ୍ଥ ମାନସିକ ପାଇଁ ଖେଳକୁଦ ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ମାଟିଆଳୀ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣରେ ସରକାରଙ୍କ ଏହି ଅଭିନବ ପ୍ରୟାସ ଫଳରେ ବହୁପିଲାଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇପାରୁଥିବା ସୂଚନା ଦେଇଛନ୍ତି। ବରେଣ୍ୟ ଅତିଥି ଭାବେ ଶ୍ରୀପତି ସରକାରୀ (ଏସଏସଡି) ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବରଜୁ ପ୍ରସାଦ ନାୟକ ଉପସ୍ଥିତ ରହି ଆଗାମୀ ପିଢ଼ି ପାଇଁ ଉପଯୁକ୍ତ ପ୍ରତିଭା ଚୟନ ପାଇଁ 'ସୁରଭି' କାର୍ଯ୍ୟକ୍ରମ ଉପଯୁକ୍ତ ମାଧ୍ୟମ ବୋଲି ମତ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ ନରଣପୁର ସରପଞ୍ଚ ଦୀପ୍ତିରାଣୀ ସିଂ, ସମିତିସଭ୍ୟ ବିଦ୍ୟୁତପ୍ରଭା ପାତ୍ର ଯୋଗ ଦେଇଥିଲେ। ପରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ବିଇଓ ସ୍ନିଗ୍ଧା ପଣ୍ଡା ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବଶ୍ରୀ ପ୍ରଶାନ୍ତ ସିଂ, ଲୋକନାଥ ବେହେରା, ଗୁଣନିଧି ନାୟକ, ଅକ୍ଷୟ ଦାସ, ସିଆରସିସି ହେମନ୍ତ ମହାପାତ୍ର, କାର୍ତ୍ତିକ ମହାପାତ୍ର, ରେଣ୍ଟୋ ସୋରେନ୍, ସୁଶିଲ ବେହେରା, ସୁଶାନ୍ତ ରଣସିଆ, ରାଜେନ୍ଦ୍ର ଖଣ୍ଡେଇ, ବୀରବର ବିଶ୍ୱାଳ, ରେଣୁକା ନାୟକ, ବାସନ୍ତୀ ବେହେରା, ଜ୍ୟୋତ୍ସ୍ନାରାଣୀ ନାୟକ, ଲକ୍ଷ୍ମୀରାଣୀ ମାରାଣ୍ଡି, ମଙ୍ଗଳ ମାଝୀ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ଇସ୍ରାଏଲ୍‌ରୁ ଭୁବନେଶ୍ୱର ଫେରିଲେ ୪ ଓଡ଼ିଆ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ଇସ୍ରାଏଲ୍‌ର ଯୁଦ୍ଧର ଭିତରେ ଆତଙ୍କରେ ରହିଥିବା ଓଡ଼ିଆ ପରିବାରମାନଙ୍କୁ ସୁରକ୍ଷିତ ଭାବରେ ଓଡ଼ିଶା ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ନିରନ୍ତର ଭାବରେ ବୈଦେଶିକ ମନ୍ତ୍ରଣାଳୟ ସହିତ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ ଜାରି ରଖିଛନ୍ତି । ପ୍ରାଥମିକ ପଦକ୍ଷେପ ସ୍ୱରୂପ ଇସ୍ରାଏଲ୍‌ରୁ ଫେରି ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଥିବା ୪ଜଣ ଓଡ଼ିଆ ଶତାବ୍ଦୀ ନାୟକ, ଜିତେନ୍ ପଟ୍ଟନାୟକ, ଭୂପେଶ ମେହେର ଓ ବିମଳେନ୍ଦୁ ମହାପାତ୍ରଙ୍କୁ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ପ୍ରଣଜିତ୍ ମହାନ୍ତି ଉତରୀୟ ଦେଇ ସ୍ୱାଗତ କରିଥିଲେ। ଓଡ଼ିଶାକୁ ଫେରି ସେମାନେ ବହୁ ଆନନ୍ଦିତ ବୋଲି ଫେରିଥିବା ଓଡ଼ିଆମାନେ ପ୍ରକାଶ କରିବା ସହିତ ସେମାନେ ଭାରତ ସରକାର ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶକଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ସେମାନଙ୍କ ସହଯୋଗ ପାଇଁ ସେମାନେ ନିରାପଦରେ ଓଡ଼ିଶା ପ୍ରତ୍ୟାବର୍ତନ କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି ।

# ଭୁସୁଡ଼ିଲା ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ସିଡି ପାହାଚ

ନୀଳଗିରି, ୧୩/୧୦ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରରେ ବଡ଼ ଅଘଟଣରୁ ବର୍ତିଲେ ପର୍ଯ୍ୟଟକ। ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ସିଡି ପାହାଚଭୁଶୁଡ଼ି ଯିବା ଫଳରେ କିଛି ସମୟ ପାଇଁ ଭକ୍ତଙ୍କ ଯାତାୟତରେ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗୋଟିଏ ପଟେ ରାସ୍ତା ସିଲ କରିବା ସହିତ ଅନ୍ୟ ପଟର ପାହାଚରେ ଯିବାଆସିବା ପାଇଁ ଭକ୍ତଙ୍କୁ ଛାଡାଯାଇଛି। ଖୁବଶୀଘ୍ର ମରାମତି ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉଦ୍ୟମ ଚାଲିଛି । ପାହାଚର ତଳ ଭାଗରେ ବହିଯାଇଥିବା ଝରଣା ଜଳରେ ମାଟି ଧସିଯିବା କାରଣରୁ ଭୁଶୁଡି ଯାଇଥିବା ଅନୁମାନ କରାଯାଇଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଟେ ପଟେ ରାସ୍ତାକୁ ସିଲ୍ କରାଯାଇଛି। ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ କହିଛନ୍ତି ଖୁବଶୀଘ୍ର ପାହାଚ ମରାମତି କରଯାଇ ଭକ୍ତଙ୍କ ପାଇଁ ରାସ୍ତା ଛଡାଯିବ।

# ଅଙ୍ଗନୱାଡ଼ି ପିଲାଙ୍କୁ ଆଡ଼ଆଖି: ନାହିଁ ପାଇଖାନା, ରୋଷେଇଗୃହ ଓ ବିଦ୍ୟୁତ ଲାଇନ



ଉଦଳା , ୧୩/୧୦ (ନି.ପ୍ର): ବାରିପଦା ବ୍ଲକର ଲକ୍ଷ୍ମୀପୋଷି ପଂଚାୟତ ଅନ୍ତର୍ଗତ ଇନ୍ଦପାହି ଗ୍ରାମରେ ଥିବା ଅଙ୍ଗନୱାଡ଼ିକେନ୍ଦ୍ରର ଦୃଶ୍ୟ। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଇଖାନା ନାହିଁ କି ରୋଷେଇଗୃହ ନାହିଁ । ଫଳରେ ଏଠାକୁ ଆସୁଥିବା ପିଲାମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ସେହିପରି ବିଦ୍ୟୁତ ଲାଇନ ନଥିବା ଯୋଗୁଁ ଗ୍ରୀଷ୍ମ ଋତୁରେ ପଂଖା ବୁଲୁ ନାହିଁ କି ରାତିରେ ବିଜୁଳି ଆଲୁଅ ଜଳୁନାହିଁ। ପିଲାଙ୍କ ପାଠପଢ଼ା କକ୍ଷରେ ବର୍ତମାନ ରୋଷେଇ କରାଯାଉଛି । ଫଳରେ ପିଲାମାନେ ବାଧ୍ୟ ହୋଇ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ସାମାନ୍ୟ ବର୍ଷା ହେଲେ ବାରଣ୍ଡାରେ ପଢ଼ିବା ମଧ୍ୟ କଷ୍ଟକର ହୋଇପଡ଼େ, ଫଳରେ ଅଧିକାଂଶ ଦିନ ପାଠ ପଢ଼ା ବନ୍ଦ ରହେ । କେନ୍ଦ୍ରର ଚାରିପଟେ ପାଚେରି ନଥିବା ଯୋଗୁଁ ବୁଲା ଗାଈ, ଗୋରୁ, କୁକୁରଙ୍କର ଅଙ୍ଗନୱାଡ଼ି ହତା ମଧ୍ୟକୁ ରହିଛି ଅବାଧ ପ୍ରବେଶ। କର୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ




ବାରିପଦା, ୧୩/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବାରିପଦା ଷ୍ଟାଡିଅମ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଅନ୍ତେବାସୀ ଛାତ୍ର ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ମହକ ଅଧୀନ ରେ ଚିତ୍ରାଙ୍କନ, ବକ୍ତୃତା, ନାଚ, କୁଇଜ ଏବଂ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ, ଉତ୍ସାହ ଅଧୀନ ରେ ଦୌଡ଼, ଚେସ, କେରାମ, ହାଇଜମ୍ପ, ଲଙ୍ଗ ଜମ୍ପ ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସିଭଲ କୋର୍ଟ ରେଜିଷ୍ଟ୍ରର ଆଶିଷ କୁମାର ପରିଛା, ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନପୂର୍ଣ୍ଣା ସିଙ୍କୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ସ୍ୱତନ୍ତ୍ର ଅତିଥି ଭାବେ ଓରମାସର ଡେପୁଟି ସିଇଓ ବିମାନ ମଲ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ଶିଶୁ ମଙ୍ଗଳ କେନ୍ଦ୍ରର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଶିଶୁ ମହତ୍ସବ ଉତ୍ସାହ ଓ ମହକ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ। ବୋଲି ଜଣାଯାଇଛି। ଶେଷରେ ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନିକ ସେବା ଅଧିକାରୀ ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଭିଲ୍ ସୋସାଇଟିର ଉପସଭାପତି ୰ ବସନ୍ତ ସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୩/୧୦ (ନି.ପ୍ର): ସିଭିଲ୍ ସୋସାଇଟିର ଉପସଭାପତି ତଥା ଜଣେ ନିଃସ୍ୱାର୍ଥପର ସମାଜସେବୀ ବସନ୍ତ ସ (ବାବୁଲା)ଙ୍କ ବିୟୋଗରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ଉଠାଜଳସେଚନ କର୍ମଚାରୀ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଏହି ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ମନୋଜ ନାୟକ ତାଙ୍କର ବକ୍ତବ୍ୟରେ ୰ ବସନ୍ତ ସ ଜଣେ ରାଜନେତା, ସମାଜସେବୀ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ ବୋଲି କହିଥିଲେ। ସେ ତାଙ୍କର ଜୀବନକାଳରେ ବହୁ ସାମାଜିକ କାର୍ଯ୍ୟରେ ସାଧାରଣ ଜନତାଙ୍କର ଉପକାର କରିଥିଲେ। ସେ ରାଜନୈତିକ ଦଳ କଂଗ୍ରେସର ଆଦର୍ଶରେ ଅନୁପ୍ରାଣିତ ହୋଇ ଜିଲ୍ଲା ପରିଷଦ ସଦସ୍ୟଭାବେ ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ସେ ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ସମସ୍ତଙ୍କର ପ୍ରିୟଭାଜନ ଥିଲେ। ଗତ ୨ବର୍ଷ ତଳେ ତାଙ୍କ ପତ୍ନୀଙ୍କର ଅକାଳ ବିୟୋଗରେ ସେ ଗଭୀର ଭାବରେ ମର୍ମାହତ ହୋଇପଡ଼ିଥିଲେ। ସ୍ୱର୍ଗତ ସ ଗତ ୧ବର୍ଷ ଧରି ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ ବି ସେ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସାମାଜିକ କାର୍ଯ୍ୟରେ ଯୋଗ ଦେଉଥିଲେ। ତାଙ୍କ ମୃତ୍ୟୁରେ ସିଭିଲ୍ ସୋସାଇଟି ଜଣେ ଦକ୍ଷ ଯୋଦ୍ଧାଙ୍କୁ ହରାଇଛି। ତାଙ୍କର ୨ ଝିଅ-ଜ୍ୱାଇଁ ଓ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ସମବେତ ନୀରବ ପ୍ରାର୍ଥନା ଓ ସ୍ୱର୍ଗତ ସ ଙ୍କ ଫଟୋଚିତ୍ରରେ ଉପସ୍ଥିତମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରି ସେମାନଙ୍କର ଶ୍ରଦ୍ଧା ନିବେଦନ କରିଥିଲେ। ଏହି ସଭାରେ ଗଗନ ଚନ୍ଦ୍ର ସେଠୀ, ହେମଲତା ନାୟକ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବାସନ୍ତୀ ସାମଲ, ବାସନ୍ତୀ ନାୟକ, ସନ୍ତୋଷ ସାହୁ, ପରମାନନ୍ଦ ପଣ୍ଡା, ମହେଶ୍ୱର ବେହେରା, ଅକ୍ଷୟ କୁମାର ତ୍ରିପାଠୀ, ଅରୁଣ ଜେନା, ଗଣେଶ୍ୱର ରାଉତ, ଶରତ ଚନ୍ଦ୍ର ଦଳାଇ, ତପନ ସିଟ୍, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ସୁଦର୍ଶନ ଜେନା, ଶ୍ରମିକନେତା ଜୟନ୍ତ ଦାସ, ସୀତାରାମ ପ୍ରଧାନ, ଯୁବ ସାମାଜିକ କର୍ମୀ ହ୍ରିତିକ ନାୟକ, ସୁବ୍ରତ ପ୍ରଧାନ, ବିକାଶ ଦାସ, ରେମଣାର ଯୁବନେତା ତରୁଣ ଦାସ, ଜୟନ୍ତ ମହାନ୍ତି, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଏଆଇଟିୟୁସି ସମ୍ପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ସ ଙ୍କ ବହୁବିଧ ଗୁଣାବଳୀର ସ୍ମୃତିଚାରଣ କରି ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଏହି ସଭାରେ ଉପସ୍ଥିତମାନଙ୍କ ପ୍ରତି କୃତଜ୍ଞତା ଜଣାଇ ସ୍ୱର୍ଗତ ସ ଙ୍କ ଅପୂରଣୀୟ ଇଚ୍ଛା ଓ କାର୍ଯ୍ୟକୁ ଆମେ ସମ୍ପାଦନ କରିପାରିଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ଦେଇଥିଲେ।

# ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱଙ୍କୁ ମମତା ମହାପାତ୍ରଙ୍କ ଧନ୍ୟବାଦ

ବାଲେଶ୍ୱର, ୧୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭାରତୀୟ ଜନତାପାର୍ଟିର ସଭାପତି ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର ଦଳୀୟ କାର୍ଯ୍ୟ ପାଇଁ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲ୍ଲାର ଉପସଭାନେତ୍ରୀ ଭାବେ ମନୋନୀତ କରିଥିବାରୁ ଶ୍ରୀମତୀ ମମତା ମହାପାତ୍ର ତାଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେସଙ୍ଗେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ଓ ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ବିରଞ୍ଚି ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ମଜ୍‌ବୁତ କରିବା ପାଇଁ ସେ ନିରନ୍ତର କାର୍ଯ୍ୟ କରିବେ ବୋଲି କହିଛନ୍ତି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo